# ରାମଚନ୍ଦ୍ର ନାୟକ

## ଏକ ଅମ୍ଲାନ ପ୍ରତିଭା

ଡକ୍ଟର ସୁବାଷ ନାୟକ



# ରାମଚନ୍ଦ୍ର ନାୟକ
## ଏକ ଅମ୍ଳାନ ପ୍ରତିଭା

(ଏକ ଜୀବନୀ ସାହିତ୍ୟ)



ପ୍ରଫେସର ଡକ୍ଟର ସୁବାଷ ନାୟକ

# ରାମଚନ୍ଦ୍ର ନାୟକ
## ଏକ ଅମ୍ଳାନ ପ୍ରତିଭା

(ଏକ ଜୀବନୀ ସାହିତ୍ୟ)

ଡକ୍ଟର ସୁବାଷ ନାୟକ

**eîcP¦ ^îdK GK @cî^ _Zbî**

ùfLK : **WKe i aîh ^îdK**


**_KîgK : a^` f _Kîg^ú,**

baù^ge, ùcî : 9437613438

Aùcf : banaphulabooks@gmail.com

_[c iîÄeY : C}k \ai 2022, cfý : U. 110 /-


**Ram Chandra Nayak Eka Amlana Pratibha**

By : Dr Subash Nayak


Published By : Banaphula,

Bhubaneswar, Odisha

1st Edition : Utkal Diwas, 2022



Copyright : Banaphula



Price : 110 .00

**ISBN : 978-93-91727-27-7**

## ଉତ୍ସର୍ଗ



**ମୋ ବାପା**

**ରାମଚନ୍ଦ୍ର ନାୟକ ଙ୍କୁ**

ମୋର ମାନସ ମନ୍ଥନ ସାରସ୍ୱତ ସମ୍ଭାର - "ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା - ଏକ ଜୀବନୀ ସାହିତ୍ୟ" । ମୋର ଜନ୍ମଦାତା ବାପା - ରାମଚନ୍ଦ୍ର ନାୟକ, ସେ ଏକ ବ୍ୟକ୍ତି ନଥିଲେ ଥିଲେ ଏକ ବ୍ୟକ୍ତିତ୍ୱ । ତାଙ୍କର ଆଦର୍ଶରେ ଆମ୍ଭେମାନେ ଅନୁପ୍ରାଣିତ । ସାହିତ୍ୟିକଟିଏ ତା'ର ସାହିତ୍ୟ କୃତିର ସାର୍ଥକତା ପାଇଥାଏ, ଯେତେବେଳେ ସେ ତା'ର କୃତିଟିକୁ ନିଜର ମନର ମଣିଷକୁ ଉତ୍ସର୍ଗ କରିଥାଏ, ମୁଁ ବା ସେଥିରୁ ବାଦ୍ ପଡନ୍ତି କିପରି । ମୋ ମନର ମଣିଷ - ମୋ ବାପା ରାମଚନ୍ଦ୍ର ନାୟକ ଙ୍କୁ ଏ ପୁସ୍ତକ ଉତ୍ସର୍ଗ କରୁଅଛି ।

ଭବଦୀୟ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

## ଜୀବନୀକାର ଙ୍କ କଲମରୁ - ରୂପରେଖ

ଓଡିଆ ସାହିତ୍ୟର ଏକ ସୁଦୀର୍ଘ ପରମ୍ପରା ସହିତ ଓଡିଆ ଭାଷା ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା - ଓଡିଆ - ଆମ ଆଚଂଳିକ ସାହିତ୍ୟ କାହିଁକି, ଭାରତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟରେ ପ୍ରତିଷ୍ଠିତ ହୋଇପାରିଅଛି । ଓଡିଆ ସାହିତ୍ୟ ଗଳ୍ପ, କବିତା, ଉପନ୍ୟାସ, ନାଟକ, ଅନୁବାଦ, ପ୍ରବନ୍ଧ, ସମାଲୋଚନା, ନିବନ୍ଧ, ଜୀବନୀ ସାହିତ୍ୟ, ସମୀକ୍ଷା, ସନ୍ଦର୍ଭ ସାହିତ୍ୟ ଆଦି ବିଭାଗ ସାହିତ୍ୟକୁ ସମୃଦ୍ଧ କରିପାରିଅଛି । ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିଥିବା ବ୍ୟକ୍ତିଙ୍କୁ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରାଯାଇଥାଏ । ଓଡିଆ ସାହିତ୍ୟ ଏକ ମହାସାଗର ହେଲେ, ମୁଁ ସେଥିରେ ମାତ୍ର ବିନ୍ଦୁଟିଏ, ମୋର ସୃଷ୍ଟି ସମ୍ଭାର -

ଗଳ୍ପ - ପଥହରା ପଥିକ (ଏକ ଗଳ୍ପ ସାହିତ୍ୟ)

କବିତା - ପ୍ରିୟା (ଏକ କାବ୍ୟ ସାହିତ୍ୟ)

ଉପନ୍ୟାସ - ଭାରତୀଦେବୀ (ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ)

ନାଟକ - ଅସ୍ତମିତ ସୂର୍ଯ୍ୟ - ବାବାଜୀ (ଏକ ସାମାଜିକ ନାଟକ ସାହିତ୍ୟ)

ଅନୁବାଦ - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏକ ଯାତ୍ରା"
(ଓଡିଆ ଅନୁବାଦ ସାହିତ୍ୟ)

ପ୍ରବନ୍ଧ - ଭାରତୀୟ ସାହିତ୍ୟର କାବ୍ୟପୁରୁଷ
ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ
(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

ସମାଲୋଚନା - ସୃଜନପ୍ରଭା (ସୃଜନଶୀଳ ସମାଲୋଚନା ସାହିତ୍ୟ)

ନିବନ୍ଧ - ସାରସ୍ୱତସାଧିକା ନନ୍ଦିନୀ ଶତପଥି
(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

ଜୀବନୀ ସାହିତ୍ୟ - ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା
(ଏକ ଜୀବନୀ ସାହିତ୍ୟ)

ସମୀକ୍ଷା - ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ
(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

ସନ୍ଦର୍ଭ ସାହିତ୍ୟ - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏକ ଯାତ୍ରା"
ଭାରତୀୟ ସାହିତ୍ୟରେ ପ୍ରତିଫଳନ
(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ସନ୍ଦର୍ଭ ସାହିତ୍ୟ - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏକ ଯାତ୍ରା"
ବିଶ୍ୱସାହିତ୍ୟରେ ପ୍ରତିଫଳନ
(ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ମୋର ବାରଗୋଟି ପୁସ୍ତକ ମଧ୍ୟରେ - ଏକ ଜୀବନୀ ସାହିତ୍ୟର ପରିକଳ୍ପନା । ମୋର ଜନ୍ମଦାତା ବାପା - ରାମଚନ୍ଦ୍ର ନାୟକ - ଏକ ଅମ୍ଲାନ ପ୍ରତିଭା । ଏଥିରେ ରାମଚନ୍ଦ୍ରଙ୍କର ଜୀବନୀକୁ ବିଷାଦ ଭାବରେ ବର୍ଣ୍ଣନା କରାଯାଇଅଛି -

ପିତୃହରା ରାମଚନ୍ଦ୍ର
କର୍ମବୀର ଶିଳ୍ପୀ ରାମଚନ୍ଦ୍ର
ସନ୍ତାନବତ୍ସଳ ବାପା ରାମଚନ୍ଦ୍ର
ରାଜନେତା ରାମଚନ୍ଦ୍ର
ସମାଜସେବୀ ରାମଚନ୍ଦ୍ର
ସ୍ମୃତିର ଆଇନାରେ ଫଟୋଗୁଚ୍ଛ
ସହ ମାନପତ୍ର (ସାର୍ଟିଫିକେଟ୍)

ସାହିତ୍ୟିକଟିଏ ନିଜର ସାହିତ୍ୟ କୃତିକୁ ନିଜର ମନର ମଣିଷଟିକୁ ଉତ୍ସର୍ଗ କରିଥାଏ, ଏଥିରେ ମୁଁ ମୋର ମନର ମଣିଷ ମୋ ବାପାଙ୍କୁ ଉତ୍ସର୍ଗ କରିଅଛି ।

ପାଠକୀୟ ଆଦୃତ ଲାଭ ସହ ମୋର ଶ୍ରମ ସାର୍ଥକ ହେବା ନେଇ ଗଭୀର ଆଶା ଓ ବିଶ୍ୱାସ । ଓଡିଆ ସାହିତ୍ୟର ଜୀବନୀ ସାହିତ୍ୟରେ - ରାମଚନ୍ଦ୍ର ନାୟକ - ଏକ ଅମ୍ଲାନ ପ୍ରତିଭା (ଏକ ଜୀବନୀ ସାହିତ୍ୟ) ଏକ ସିନ୍ଧୁରେ ବିନ୍ଦୁ ଭଳି କାର୍ଯ୍ୟ କରିଲେ ମୋର ଶ୍ରମ ସାର୍ଥକ ହେବ ।

ସାହିତ୍ୟସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

## ସୂଚୀପତ୍ର

# ରାମଚନ୍ଦ୍ର ନାୟକ
# ଏକ ଅମ୍ଳାନ ପ୍ରତିଭା

## ପୃଷ୍ଠା


| | |
|---|---|
| ପିତୃହରା ରାମଚନ୍ଦ୍ର | ୧-୬ |
| କର୍ମବୀର ଶିଳ୍ପୀ ରାମଚନ୍ଦ୍ର | ୭-୧୩ |
| ସନ୍ତାନବତ୍ସଳ ବାପା ରାମଚନ୍ଦ୍ର | ୧୪-୨୬ |
| ରାଜନେତା ରାମଚନ୍ଦ୍ର | ୨୭-୩୯ |
| ସମାଜସେବୀ ରାମଚନ୍ଦ୍ର | ୪୦-୫୫ |
| ସ୍ମୃତିର ଆଇନାରେ ଫଟୋଗୁଚ୍ଛ | ୫୬-୧୨୦ |
| ସହ ମାନପତ୍ର (ସାର୍ଟିଫିକେଟ୍) | |

ଏ ପୃଥିବୀରେ ଏମିତି କିଛି କଳା କି କବିତା ନାହିଁ ଯେଉଁଥିରେ କି ସ୍ୱୟଂ ଶିଳ୍ପୀ ଜୀବନର କଥା ଲେଖାନାହିଁ । କାରଣ - ନିଜକୁ ସବୁମତେ ବ୍ୟକ୍ତି କରିବାଠାରୁ କଳାର ଆଦର୍ଶ ଆଉ କିଛି ନାହିଁ ।

କଳା ଏକ ଶୂନ୍ୟ ଗର୍ଭ ବିଷୟ ନୁହେଁ । ତା'ର ଜୀବନ ନିଷ୍ଠ ଓ ଜୀବନକୁ ହିଁ ପ୍ରକାଶ କରିଥାଏ । ମଣିଷର ସ୍ୱପ୍ନ, କଳ୍ପନା ଓ ତା'ର କଳା ହେଉଛି - ସେ ନିଜେ । ପୃଥିବୀରେ ଏଭଳି କୌଣସି ସତ୍ ସାହିତ୍ୟ ନାହିଁ ଯେଉଁଥିରେ ମଣିଷ ଜୀବନ ବିଜ୍ଞାପିତ ହେଇନାହିଁ । ଆମେ ତାହାକୁ ଜୀବନୀ ସାହିତ୍ୟ ବୋଲି ଆଖ୍ୟା ଦେଇଥାଉ ।

ଏହି ଜୀବନୀ ସାହିତ୍ୟ ଦୁଇ ପ୍ରକାରର । ପ୍ରଥମତଃ - ଜୀବନୀକାର, ଦ୍ୱିତୀୟତଃ - ଆତ୍ମଜୀବନୀକାର । ଜୀବନୀକାର (Biography)ରେ ଲେଖକଟିଏ କୌଣସି ବ୍ୟକ୍ତିଙ୍କ ଜୀବନ ଓ ଦର୍ଶନକୁ ଲେଖିଥାଆନ୍ତି । ମାତ୍ର ଆତ୍ମଜୀବନୀରେ ଜଣେ ବ୍ୟକ୍ତି ହିଁ ତା'ର ବ୍ୟକ୍ତିତ୍ୱକୁ ରଚନା କରିଥାଏ, ତାହା ହେଉଛି ତା'ର ଆତ୍ମଜୀବନୀ (Autobiography) ।

ଆମ ପ୍ରଦେଶ - ଶାସ୍ତ୍ରୀୟ ଓଡିଆ ଭାଷା ସାହିତ୍ୟ କାହିଁକି, ଭାରତୀୟ ସାହିତ୍ୟ ତଥା ବିଶ୍ୱସାହିତ୍ୟରେ ଜୀବନୀ ଓ ଆତ୍ମଜୀବନୀ ସାହିତ୍ୟ ପୁସ୍ତକ ବାଣୀ ଭଣ୍ଡାରକୁ ଉଚ୍ଚକୋଟୀର ସମୃଦ୍ଧ କରିପାରିଅଛି ।

ଅନ୍ତରର ଅନୁରାଗମୟ ନହେଲେ ଜଣେ ଗାଇବା, ନାଚିବା, ଶିଳ୍ପୀଟିଏ ହବା ଅଥବା ସାହିତ୍ୟିକ ହେବାପାଇଁ ପ୍ରୋତ୍ସାହିତ ହୋଇପାରେନା । ବିଶ୍ୱ ବ୍ରହ୍ମାଣ୍ଡକୁ ଲେଖୁଥିବା ସାହିତ୍ୟିକଟିଏ ମଣିଷର ପ୍ରତିଭାକୁ ଲେଖିଥାଏ, ତାହାର ଉଦ୍‌ବୋଧିତ ଚିତ ଓ ଚୈତନ୍ୟ ଭିତରେ ।

ମଣିଷର ଉପସ୍ଥିତି ହିଁ ଏ ପୃଥିବୀକୁ ଅର୍ଥଗର୍ଭା କରିଅଛି । ତା' ବ୍ୟତିରକେ ଏ ପୃଥିବୀ ନିରର୍ଥକ । 'ମୁଁ' ଅଛି, ତେଣୁ ଚିନ୍ତା କରିବା ସମ୍ଭବ ହେଉଛି - ଏହି 'ମୁଁ' ତ୍ୱର ଭାବ ପରିଧି କ୍ରମଶଃ ପ୍ରସାରିତ ହୋଇ ଏ ବିଶ୍ୱ ବ୍ରହ୍ମାଣ୍ଡକୁ ସତେ

ଯେପରି ମୂର୍ତ୍ତିମାନ କରିଛି । ତେଣୁ କବିଟିଏ କହନ୍ତି ମୁଁ ମୋର କବିତାରେ ଅଛି, ଆଉ ଜଣେ କଳାକାର ସିଧା କହିଦେଲେ - ମୁଁ ହେଉଛି ସାହିତ୍ୟ ।

ନିଜକୁ ନଲେଖି କେହି କଳାକାର ରହିପାରିନି କି ରହିପାରିବେ ନାହିଁ ମଧ୍ୟ । ଅବଶ୍ୟ କବିତାଟିର ବ୍ୟଞ୍ଜନଗ୍ରସ୍ତ ସେତେବେଶୀ ଆତ୍ମନିଷ୍ଠ ମନେ ହୋଇନପାରେ । ଯଦିଓ ତା'ର ଅନ୍ତସ୍ଥଳରେ ଶିଳ୍ପୀଟିର ଆତ୍ମା ସର୍ବଦା ବିଦ୍ୟମାନ ଥାଏ । ଶିଳ୍ପୀର ଭାବନା, ତା'ର ଆତ୍ମାନୁଭୂତି, ତା'ର ଆଧ୍ୟାତ୍ମିକ ଅଭିଲିପ୍ସା ଉର୍ଦ୍ଧ୍ୱରେ କୌଣସି ଶିଳ୍ପ ନୁହେଁ ।

ବୁଦ୍ଧି ନୁହେଁ - ଆବେଗ ହିଁ ବୈଦିକ ମୁକ୍ତିର କାରଣ ଓ ତାହା ଆପଣା ଉଜ୍ଜ୍ୱାଗ୍ରତ କରେ । ସାହିତ୍ୟ ହେଉଛି - ସେହି ଆତ୍ମାର ଏକ ଜାଗୃତି । ଆବେଗର ଉତ୍ସ ହେଉଛି କେବଳ ଆପଣାର ଅନ୍ତର । ଅନ୍ୟ କିଛି ନୁହେଁ । ପର ଜୀବନ ପ୍ରତି ଜଣଙ୍କର ଉନ୍ମୁଖତା ଏହି ଆବେଗ ବଳରେ ହିଁ ସମ୍ଭବ ହୁଏ । ବିଶ୍ୱକୁ ଦେଖିବାର ପ୍ରଶସ୍ତ ଗବାକ୍ଷ ହେଉଛି - ବ୍ୟକ୍ତିର ଅନ୍ତରଙ୍ଗ ଆତ୍ମା । ତାହା ବିଶ୍ୱ ଦିଗଳିତ ହେଲେ ବ୍ୟକ୍ତିର ଆତ୍ମା ଅନ୍ତରର ଉପଲବ୍ଧ କରେ ।

ଶିଳ୍ପୀଟିଏ ନିଜ ସହିତ ଛଦ୍ମତା ଆଚରଣ କରିପାରିବ ନାହିଁ, ସେ ଆତ୍ମଦ୍ରୋହୀ ହୋଇପାରିବ ନାହିଁ । ସାହିତ୍ୟିକ ଅନେକ କୋଟି ମଣିଷକୁ ତା' କବିତାରେ ଲେଖିଥାଏ । ପାଠକ, ସାହିତ୍ୟିକ ଙ୍କ ଲେଖାରେ ନିଜକୁ ଖୋଜେ, ନିଜର ପରିଚିତ ଅନୁଭବକୁ ଆଉଥରେ ଅନୁଭବ କରେ । ସାହିତ୍ୟରେ ସେହି ମାନବ ସମ୍ପର୍କର ସ୍ୱର ଓ ସ୍ୱାକ୍ଷର ନଥିଲେ ପାଠକର ଆବେଗ ପରିଶ୍ରାନ୍ତ ହୁଏନା, ତା'ର ଭାବମୁକ୍ତି ମଧ୍ୟ ହୁଏନାହିଁ । ପାଠକ ତେଣୁ ଏହା ଦ୍ୱାରା ତାହାର ଚିତ୍ତକୁ ଉତ୍‌ଫୁଲ୍ଲିତ ଓ ଉଦ୍‌ବୋଧିତ କରିପାରେନା । ସେହି ଗ୍ରନ୍ଥ ବା ସାହିତ୍ୟ ସମସ୍ତଙ୍କର ଜୀବନ୍ତ ମନେହୁଏ, ଯେଉଁଠି ନିଜେ ଗ୍ରନ୍ଥକାର ନିଜର ଉପଲବ୍‌ଧିକୁ ସ୍ପଷ୍ଟ ଭାବରେ ପ୍ରକାଶ କରିଥାଆନ୍ତି ।

ଜୀବନ ଓ କଳା ମଧ୍ୟରେ କୌଣସି ଭେଦ ନ ରହିବା ଉଚିତ୍ ବୋଲି ଯେତେ ସ୍ଲୋଗାନ ଦେଲେ ବି କଳା ଓ ଜୀବନ ମଧ୍ୟରେ ଥିବା ବ୍ୟବଧାନଟିକୁ ଜଣେ ନିହାତି ଭାବରେ ଅସ୍ୱୀକାର କରିପାରିବ ନାହିଁ । ଯେଉଁଥିପାଇଁ ଅନେକ

କଳାକୁ ଜୀବନର ଅବକଳ ଚତ୍ର ବୋଲ ନକର ଜୀବନର ପ୍ରଚ୍ଛାୟା ବୋଲି କହିଛନ୍ତି ।

ସାହିତ୍ୟିକ ଓ ମଣିଷ ଜୀବନ କଥା ଭାବିଲେ - ଆକାଶ ଆଉ ଏ ପୃଥିବୀ କଥା ମନେପଡେ । ଯେଉଁଆଡେ ଗଲେ ବି ଜଳ, ସ୍ଥଳ, ଆକାଶ ଆଉ ପୃଥିବୀ । ମଣିଷ କଥା ଭାବିଲେ ବଡ ବିଚିତ୍ର ଲାଗେ । ମୋ ମାଟିରେ ମିଶିଯିବାକୁ ଆସିଛି - ତା'ର ସ୍ୱପ୍ନ ଓ ଅଭିଳାଷ କେତେ ଆକାଶଛୁଆଁ ।

କଳା ଓ ସାହିତ୍ୟ ହେଉଛି - ବସ୍ତୁତଃ କଳାକାରଙ୍କ ଜୀବନ ଦର୍ଶନର ଏକ ବିମ୍ବିତ ଦର୍ପଣ । ଜୀବନର ସତ୍ୟଶୀଳତା ଓ ଗଭୀର ଆନ୍ତରିକତା ହେଉଛି ପ୍ରକୃତରେ କଳାର ଶକ୍ତି ଓ ସୌନ୍ଦର୍ଯ୍ୟ । ସତ୍ ସାହିତ୍ୟର ପ୍ରଭାବ ବା ଆବେଦନ ହେଉଛି ସାହିତ୍ୟିକ ଙ୍କ ବ୍ୟକ୍ତିକ ସମ୍ପର୍କ । ଜଣେ ସାହିତ୍ୟିକର ଦିବ୍ୟ ଅନୁଭୂତି, ଉତ୍ସର୍ଗୀକୃତ ଜୀବନବୋଧ, ସମ୍ବୋଦନଶୀଳତା, କଲ୍ୟାଣ କାମନା, ତା' ଲେଖାକୁ ମହାନ ବଳଶାଳୀ କରିଥାଏ । ଅସୀ ନୁହେଁ ମସୀ ହିଁ ନୂତନ ଯୁଗର ବାର୍ତ୍ତା ଦେଇଥାଏ । ସତ୍ୟ ଓ ଶାଶ୍ୱତ ପ୍ରତି ସବୁ ସାହିତ୍ୟିକ ଦୃଷ୍ଟିଭଙ୍ଗୀ ସମାନ ନୁହେଁ । ଜଣେ ସମୁଦ୍ରର ଜଳ ତରଙ୍ଗକୁ ମୁଗ୍ଧ ଦୃଷ୍ଟିରେ ଆଉ ଜଣେ ଉଦାସ ଦୃଷ୍ଟିରେ ଦେଖୁଛି, ଏହି ଦେଖିବା ସାହିତ୍ୟିକର ବ୍ୟକ୍ତିଗତ ।

ଅଧିନ ଓଡିଆ ସାହିତ୍ୟର ଜଣେ ସାହିତ୍ୟିକ ଭାବରେ ଏକ ଜଳବିନ୍ଦୁ ଶାସ୍ତ୍ରୀୟ ଓଡିଆ ଭାଷା ସାହିତ୍ୟର ଜଳଧାରାରେ ପ୍ରବାହମାନ ହେଇପାରିବି ମାତ୍ର ଏ ଯେଉଁ ଏକ ଜୀବନୀ ସାହିତ୍ୟଟିଏ ରଚନା କରିବାର ଅଭିଳାଷ ନେଇଅଛି - ସେଠି ଆଉ କେହି ନୁହଁନ୍ତି - ମୋ ଜନ୍ମଦାତା ମୋତେ ଏ ସଂସାରକୁ ଆଣିଥିବା ମୋର ପ୍ରିୟ ବାପା ।

ମୋ ବାପା ରାମଚନ୍ଦ୍ର ନାୟକ - ଐତିହାସିକ ଭୁବନ ଗାଁର ତଥା ଆଧୁନିକ ଭୁବନ ସହରରେ ଜନ୍ମିଥିବା ଜଣେ ମାଟିର ମଣିଷଟିଏ । ବାପା - ବାବାଜୀ ନାୟକ ତାଙ୍କୁ ମାତ୍ର ପାଚଂ ବରଷ ବୟସରେ ପିତୃହରା କରି ଏ ସଂସାରରୁ ଚାଲିଗଲେ, ମା' - ଭୂତିଦେବୀ ବଡ କଷ୍ଟରେ ପାଚଂଗୋଟି ସନ୍ତାନକୁ ନେଇ ଘୋର ଅନାଟ ଭିତରେ କାଳପାତିତ କଲେ । ଦୈବୀଶକ୍ତିର ପ୍ରଭାବରେ

ରାମଚନ୍ଦ୍ର ଜଣେ ଶିଳ୍ପୀଟିଏ ବନଗଲେ । ପତୃହରା ହେବାର ଦୁଃଖକଷ୍ଟ, ତେଲଲୁଣର ସଂସାର ଭିତରେ ପ୍ରାକ୍-ପ୍ରାଥମିକ ଶିକ୍ଷା ପରେ ଶିକ୍ଷାର ଡୋରି ବନ୍ଧା ହୋଇଗଲା । ବଚିଂବା ପାଇଁ କାଠକାମକୁ ନିଜର ଜୀବିକା ଭାବରେ ଆଦରି ନେଲେ

ନିଜର ବୁଦ୍ଧିମତାରେ ଶିଳ୍ପୀଟିଏ ଗଢିଦେଲେ "ଶ୍ରୀରାମ ଫର୍ଣ୍ଣିଚର" - ସୁନ୍ଦର କାଠ ଖୋଦେଇ ଖଟ, ପଲଙ୍କ ଇତ୍ୟାଦି ନିର୍ମାଣକରି - ନବବଧୂରର ଘରକରଣାରେ ନିଜ ଶିଳ୍ପୀର ଛାୟା ଆଙ୍କିଦେଇ ଓଡିଶା ତଥା ସର୍ବୋପରି ଭାରତବର୍ଷରେ ଜଣେ ପାରମ୍ପରିକ କାଠ ଖୋଦେଇ ଶିଳ୍ପୀର ମର୍ଯ୍ୟାଦା ଲାଭ କରିଲେ ।

ଶିଳ୍ପୀଟିଏ ହୋଇ ବଚିଂବା ସହ - ମାନବ ସେବାରେ ନିଜକୁ ପ୍ରତ୍ୟକ୍ଷ ଭାବରେ ସାମିଲ କରିବାପାଇଁ ରାଜନୀତିରେ ପାଦଦେଇ - ଭାରତରତ୍ନ ଅଟଳ ବିହାରୀ ବାଜ୍‌ପେୟୀଙ୍କ ଆଦର୍ଶରେ ବିଜେପିରେ ଦୀର୍ଘବର୍ଷ ଧରି କାର୍ଯ୍ୟକରି - ସାଂସଦ ପ୍ରତିନିଧି ଭାବରେ ଭୁବନ ସହରରେ କାର୍ଯ୍ୟକଲେ ଅବା ସାଂସଦ ପ୍ରତିନିଧି ଭାବରେ ସର୍ବକନିଷ୍ଠ ଶହୀଦ ବାଜିରାଉତ କଲେଜ ଗଭର୍ଣ୍ଣିଙ୍ଗ ବଡିରେ ଯୋଗଦେଇ ଉଚ୍ଚଶିକ୍ଷା ବିକାଶରେ ପଥପ୍ରଦର୍ଶକ ହେଲେ ।

ଭୁବନ ନିବାସୀ ଭାରତୀ ଦେବୀଙ୍କୁ ବିବାହ କରି ଚାରିଗୋଟି ସନ୍ତାନର ଜନକ ଭାବରେ ଉପଯୁକ୍ତ ଶିକ୍ଷାଦେଇ ଲେଖିକା, ଅଧ୍ୟାପକ, ଓକିଲ, ଶିକ୍ଷକ ଭାବରେ ସନ୍ତାନ ସନ୍ତତିକୁ ସୁ ପ୍ରତିଷ୍ଠିତ କରାଇ ଉଚ୍ଚଶିକ୍ଷିତା ଜ୍ୱାଇଁ, ପୁତ୍ରବଧୂ ତଥା ନାତି, ନାତୁଣୀଙ୍କର ଗ୍ରହଣରେ ଜୀବନର ଅପରାହ୍ଣକୁ ସାଉଁଟୁଛନ୍ତି ।

ମନରେ ବହୁତ ଅସୁମାରୀ ସ୍ୱପ୍ନ - ମା' ମାଟି ଭୁବନର ବିକାଶ କରିବା ଦିଗରେ - ଭୁବନ କାରିଗର ବହୁମୁଖୀ ସମବାୟ ସମିତିର ସଭାପତି, ବୁଦ୍ଧେଶ୍ୱର ମନ୍ଦିର ଟ୍ରଷ୍ଟ୍ ସଭ୍ୟ, ଐତିହାସିକ ବଳଦଯାତ୍ରା ଭୁବନର ପ୍ରତିଷ୍ଠାତା ସଭ୍ୟ ପରି ଅନେକ ସାମାଜିକ ଅନୁଷ୍ଠାନରେ ଜଣେ ସମାଜସେବୀ ଭାବରେ କାର୍ଯ୍ୟରତ ।

ମୋର ଏହି ସାରସ୍ୱତ ସମ୍ଭାର -

ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା - (ଏକ ଜୀବନୀ ସାହିତ୍ୟ) ମଧ୍ୟରେ - ପିତୃହରା ରାମଚନ୍ଦ୍ର,

କର୍ମବୀର ଶିଳ୍ପୀ ରାମଚନ୍ଦ୍ର, ସନ୍ତାନବତ୍ସଳ ବାପା ରାମଚନ୍ଦ୍ର, ରାଜନେତା ରାମଚନ୍ଦ୍ର, ସମାଜସେବୀ ରାମଚନ୍ଦ୍ର ପ୍ରମୁଖ ବିଷୟାଦିରେ ତାଙ୍କ ଜୀବନ ଓ ଦର୍ଶନକୁ ଏ ଜୀବନୀ ସାହିତ୍ୟ ପୁସ୍ତକଟିରେ ପରିପ୍ରକାଶ କରାଇବାର ଯେଉଁ ଦୁର୍ବାର ସ୍ୱପ୍ନ ଓ ଅଦିମ ସାହସ ସଚଂରଣ କରିଅଛି । ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱର ମୋତେ ସେ ଶକ୍ତି ପ୍ରଦାନ କରିବେ ବୋଲି ମୋର ଅସୁମାରୀ ଆଶା ଓ ବିଶ୍ୱାସ ।

ଜଣେ ଛୋଟ ସାହିତ୍ୟିକ ଭାବରେ - ଓଡିଆ ସାହିତ୍ୟରେ ଅନେକ ଜୀବନ ପୁସ୍ତକ ରଚନା କରାଯାଇଥିବାର ଅନେକ ଜୀବନୀକାର (Biographor) ନଜିର ଓଡିଆ ସାହିତ୍ୟରେ ରହିଅଛି । ମାତ୍ର ମୋଭଳି ଜଣେ ଅଧମ ଏ ଦୁଃସାହସିକ ପଦକ୍ଷେପଟିଏ ନେଇ ପାରିଅଛି -

ପିତରିଂ ପ୍ରିୟ ପ୍ରିୟତେ ପନ୍ନା ପିତା ସର୍ବଦେବତା । ଦେବତାମାନଙ୍କ ମଧ୍ୟରେ ସର୍ବାଗ୍ରେ ଜନ୍ମଦାତା । ତାଙ୍କଠାରୁ ଜନ୍ମହୋଇ ନ ପାରିଥିଲେ ମଧ୍ୟ ମୁଁ ଏ ସଂସାରରେ ସାହିତ୍ୟିକ ଭାବରେ କଲମ ଚାଳନା କରିପାରିନଥାନ୍ତି ।

ସାହିତ୍ୟିକଟିଏ ଚାହେଁ ତା'ର ସାହିତ୍ୟ କୃତିଟିକ ଜଣଙ୍କୁ ଉତ୍ସର୍ଗ କରିବାପାଇଁ - ମାତ୍ର ଏ ଅଧମ ଚାହିଁଲା ଯେ ଏ ଜୀବନୀ ସାହିତ୍ୟଟିକୁ "ମୋ ବାପା"ଙ୍କୁ ଉତ୍ସର୍ଗ କରୁଅଛି । ପିତୃଋଣ ଜୀବନରେ ସୁଝି ହୁଏନାହିଁ ସତ ମାତ୍ର ଜଣେ ସୁପୁତ୍ର ଭାବରେ ମୁଁ ଏ କାର୍ଯ୍ୟଟି କରିବା ମୋର ଆତ୍ମସନ୍ତୋଷ ପ୍ରାପ୍ତ ଅଟେ

ଆଶା କରେ - "ଏ ଜୀବନୀ ସାହିତ୍ୟ" ପୁସ୍ତିକାଟି ଓଡିଆ ସାହିତ୍ୟର ବିକାଶରେ ସାହାଯ୍ୟ କରିବା ସହ ପାଠକ, ପାଠିକା ଙ୍କ ସୁଖପାଠ୍ୟ ହୋଇପାରିଲେ ମୋ ଜୀବନ ଧନ୍ୟହେବ ।

## ପିତୃହରା ରାମଚନ୍ଦ୍ର

ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ । ଆମ ରାଷ୍ଟ୍ର ଭାରତର ସ୍ୱାଧିନତା ଇତିହାସରେ - ଭୁବନର କିଶୋର ଶହୀଦ୍ ବାଜିରାଉତ, ବାର ବରଷର ବାଳକ ଇଂରେଜ ସରକାରଙ୍କୁ ନୀଳକଣ୍ଠପୁର ଘାଟରେ ବ୍ରାହ୍ମଣୀ ନଦୀରେ ଡଙ୍ଗା

ପାରିକରି ନଦେବା ପାଇ ଭୁବନ ଗାଁର ପ୍ରଜାମଣ୍ଡଳର ହୁକୁମ ନାହିଁ କହି ଇଂରେଜଙ୍କ ଗୁଳିରେ ମା' ମାଟି ପାଇଁ ପ୍ରାଣବଳୀ ଦେଇଥିବା ମାଟି - ଭୁବନ ।

ଭାରତୀୟ କଳାକୁ - ଭୁବନର କଂସା, ପିତଳ ବାସନ ସାମଗ୍ରୀ ସହ କାଠ ଶିଳ୍ପକୁ ଭୁବନର ଶିଳ୍ପୀଙ୍କ ଅବଦାନ ସାର୍ବଜନୀନ ଆଦୃତି ଲାଭ କରିପାରିଅଛି ।

ଭାରତୀୟ ସାହିତ୍ୟ ସର୍ବୋପରି ଆମ ଶାସ୍ତ୍ରୀୟ ଓଡିଆ ଭାଷା ସାହିତ୍ୟକୁ - ଭୁବନର ସାହିତ୍ୟିକ ମାନଙ୍କ କଲମ ଚାଳନା ଆମ ସାହିତ୍ୟକୁ କାଳକାଳକୁ ଅମର ରଖିପାରିଅଛି ।

ଭାରତୀୟ ସଂସ୍କୃତିରେ - ଭୁବନର ଦଶହରା ବଳଦଯାତ୍ରା - ଏକ ଝଲକ୍ । ବଳଦକୁ ସୁସଜ୍ଜିତ ପଲାଣ ଓ ବିମାନ ସହ ଦେବୀ ଦୁର୍ଗାଙ୍କ ସାଙ୍ଗରେ ଦଶହରା ପର୍ବର ଦୁଇଦିନ ଭୁବନ ଗାଁ ପରିକ୍ରମ କରି ଲକ୍ଷାଧିକ ଜନତା ନିଜର ଗଣପର୍ବକୁ ପାଳନ କରିଥାନ୍ତି

ଭୁବନର ଆରାଧ୍ୟ ଦେବତା ଶିବଶଙ୍କର ବାବା ବୁଦ୍ଧେଶ୍ୱର ଜୀଉଙ୍କ ଆବିର୍ଭାବ (ପାତାଳପୁଟି) ଭୁବନକୁ ଏକ ପର୍ଯ୍ୟଟନ କେନ୍ଦ୍ରରେ ଜାତୀୟ ସ୍ତରରେ ମର୍ଯ୍ୟାଦା ପ୍ରଦାନ କରିଅଛି । ଜନତାଙ୍କର ମନସ୍କାମନା ପୂରଣ ସହ ଏକ ଧର୍ମୀୟ ଭାବନାର ପ୍ରାଣକେନ୍ଦ୍ର ପାଲଟିଛି ।

କାଳକ୍ରମେ ୧୯୭୨ ମସିହାରେ ଭୁବନ ଗ୍ରାମପଚାଂୟତ ଭୁବନ ବିଜ୍ଞାପିତ ଅଚଂଳ ପରିଷଦ (ଏନ୍.ଏ.ସି.)ର ମର୍ଯ୍ୟାଦା ପାଇ ସହରର ମାନ୍ୟତା ପାଇଲା । ୧୫ ଗୋଟି ୱାର୍ଡକୁ ନେଇ ଭୁବନ ଏନ୍.ଏ.ସି. - ୨୬ ହଜାର ଭୋଟର ସହ ୫୦ ହଜାର ଜନସଂଖ୍ୟା ଏଇ ଆମ ଭୁବନ ସହର ।

୭୨ଟି ପାଟକ (ଜାତି)ର ଲୋକମାନେ ଏଠାରେ ବସବାସ କରନ୍ତି । ସେଥିମଧ୍ୟରୁ କାପୁଡିଆ ସମାଜର ଅର୍ଦ୍ଧାଧିକ ଲୋକ ବସବାସ କରନ୍ତି । ସେହି ସମାଜର ନାୟକ ସାହି ଅଚଂଳ ଏକ ଗୁରୁତ୍ୱପୂର୍ଣ୍ଣ ଅଚଂଳ । ସେଠାରେ କେଉଁ ପୂର୍ବାନୁପୁରୁଷ ଧରି ନାୟକ ବଂଶଲତା ବସବାସ କରିଥାନ୍ତି ।

## ନାୟକ ବଂଶଲତାର ସାରଣୀ




ଏହି ନାୟକ ବଂଶଲତାର ଚତୁର୍ଥ ପିଢି - ବାବାଜୀ ନାୟକ । ବାବାଜୀ ଥିଲେ ବୃତିରେ ଜଣେ ବ୍ୟବସାୟୀ, ପାଠପଢା ଥିଲା ଅତି ସାଧାରଣ ପ୍ରାକ୍-ପ୍ରାଥମିକ ଶିକ୍ଷା । ନାୟକ ସାହିରୁ - ଭୁବନର ପୋଥାଳ ସାହିକୁ ନୂତନ ଘରକରି ଉଠି ଆସିଥାନ୍ତି - ବଳରାମ ନାୟକ, ତାଙ୍କର ଦୁଇପୁଅ - ବାବାଜୀ ଓ ନାରାୟଣ ତଥା ଏକମାତ୍ର ଝିଅ ଲବଣୀକୁ ନେଇ ।

ସେତେବେଳେ ଭୁବନ ଗାଁରେ ସମସ୍ତଙ୍କର ମାଟି ଓ ଚାଳ ଘରଥିଲା, ସେଥିରୁ ବଳରାମ ନାୟକ ବା ବାଦ୍ ପଡିଥାନ୍ତେ କିପରି । ପାଚଂ ବଖରା ମାଟି ଘରକୁ ନେଇ ତାଙ୍କର ସପରିବାର ରହୁଥିଲେ । ବଳରାମ ବ୍ୟବସାୟୀ ଥିବାରୁ ତାଙ୍କର ଦୁଇପୁଅ ବାବାଜୀ ଓ ନାରାୟଣ ବ୍ୟବସାୟ କରୁଥିଲେ । ବାବାଜୀ ସାଧାରଣତଃ କାମାକ୍ଷାନଗରର (କଙ୍କଡାହାଡ)ରୁ - ମରୁଆ ବିଲ ଓ କମ୍ପୁଲେୟୀ ଗାଁରୁ ତୁଳା ଚାଷୀମାନଙ୍କ ଠାରୁ ଶଗଡ ଗାଡି ମାଧ୍ୟମରେ କଟକ ନେଇ ବ୍ୟବସାୟୀଙ୍କୁ ଦେଇ ଆସୁଥିଲେ । ସେ ତୁଳାରେ ବିଭିନ୍ନ ଖଟର ଗଦି ଓ ତକିଆ ଆଦି କଟକର ବ୍ୟବସାୟୀ ପ୍ରସ୍ତୁତକରି - ଓଡିଶାର ବିଭିନ୍ନ ଜାଗାକୁ ପଠାଉଥିଲେ ।

ବାବାଜୀ ପର୍ଯ୍ୟାୟକ୍ରମେ ପ୍ରାକ୍-ପ୍ରାଥମିକ ଶିକ୍ଷାକରି ଛୋଟ ବେଳରୁ ବାପାଙ୍କ ସାଙ୍ଗରେ ବ୍ୟବସାୟରେ ମାତିଗଲେ । କାଳକ୍ରମେ ଯୁବକ ବାବାଜୀର ବିବାହ ହୋଇଲା ଭୁବନ ଗାଁର ଭୂତି ପୋଥାଳଙ୍କୁ (ପୋଥାଳ ସାହି ନିବାସୀ) ଭୂତିଦେବୀଙ୍କ ବାପା - ଧର ପୋଥାଳ, ମାଆ - ପାନଦେବୀ ଥିଲେ । ପର୍ଯ୍ୟାୟକ୍ରମେ ତେଲଲୁଣର ସଂସାର ମଧ୍ୟରେ ବାବାଜୀ ଓ ଭୂତିଙ୍କ ପାଚଂଗୋଟି ସନ୍ତାନ ଓ ସନ୍ତତି ଜନ୍ମଲାଭ କରିଲେ ।

**ବାବାଜୀ ନାୟକ**
**ଭୂତିଦେବୀ**

ଦୁଃଶାସନ ବେଙ୍ଗୁଲି    ଭୀମସେନ    ରାମଚନ୍ଦ୍ର    ଭାଗବତ

ଚାରିଗୋଟି ପୁତ୍ର ସନ୍ତାନ ଓ ଏକମାତ୍ର କନ୍ୟା ସନ୍ତାନଙ୍କୁ ନେଇ ବାବାଜୀଙ୍କ ପରିବାର

ପିଲାମାନଙ୍କୁ ଛୋଟରୁ ବଡକରିବା ତଥା ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷାପ୍ରଦାନ କରିବା ଆରମ୍ଭ କରିବା ପୂର୍ବରୁ - ଏକ ଅଚିହ୍ନା ଦୂରାବ୍ୟାଧି ରୋଗରେ ବାବାଜୀ ମୃତ୍ୟୁବରଣ କରିଥିଲେ । ଏ ପରିବାରରେ ଏକ ଦୁଃଖଦ ଘଟଣା ଖୋଲି ଯାଇଥିଲା ।

ପିଲାମାନଙ୍କୁ - ଦୁଇ, ପାଚଂ, ସାତ, ଦଶ ଓ ବାର ବରଷ ହୋଇଥିଲା

। ଛୋଟ ପାଚଂଗୋଟ ପଲାଙ୍କୁ କପର ଭୂତଦେବୀ ଦୁନଆଁ ଦାଣ୍ଡରେ ଠିଆ କରାଇବେ, ସେହି ଚିନ୍ତା ସବୁବେଳେ ତାଙ୍କୁ ଗ୍ରାସ କରିଲା । ମା' ପାଚଂଗୋଟି ପିଲାଙ୍କ ପେଟକୁ ଦାନା ଓ ଦେହକୁ ଖଣ୍ଡିଏ କନା ଦେବାପାଇଁ ନିଜେ ଘରୁ ବାହାରି ବାହାରେ କାମ କରିବାକୁ ଲାଗିଲେ, ମାତ୍ର ପିଲାମାନେ ମା'ର ଏହି ଦୁଃଖଦ ପରିସ୍ଥିତିକୁ ଅଙ୍ଗେ ନିଭାଇ ଚାଳ ଛପର ଘର ତିନି ବଖରା ସହ କିଛିମାତ୍ର ଚାଷଜମି ଥିଲା, ସେଠାରୁ ଧାନ ଚାଉଳ ଆସୁଥିଲା ।

ବଡପୁଅ - ଦୁଃଶାସନ ଘାସିରାମ ଅଗ୍ରୱାଲାଙ୍କ ତେଜରାତି ଦୋକାନରେ କାମକଲେ, ମଧ୍ୟମପୁତ୍ର - ଭୀମସେନ ଦ୍ୱାରିକା ଅଗ୍ରୱାଲାଙ୍କ ନିକଟରେ କାର୍ଯ୍ୟ କରିଲେ, ମାତ୍ର ପୁତ୍ର ରାମଚନ୍ଦ୍ର କାହା ପାଖରେ କାମ ନକରି ନିଜର ସ୍ୱାଭିମାନଙ୍କୁ ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରାକ୍-ପ୍ରାଥମିକ ଶିକ୍ଷାରୁ ଡୋରି ବାନ୍ଧି (ପାଚଂ ବରଷରେ ବାପା ବାବାଜୀ ଚାଲି ଯାଇଥିଲେ) ଦଶ ବରଷରେ ରାମଚନ୍ଦ୍ର ନିଜେ ନିକଟସ୍ଥ ବିଲବାଡିରୁ ଘାସ କାଟିଆଣି ବିକ୍ରିକରି ନିଜ ପେଟ ଚାଖଣ୍ଡେ ପୂରାଉଥିଲେ ଓ ମା' ଭୂତିଙ୍କୁ ବାହାରେ କାମ ନ କରିବାକୁ କହିଥିଲେ, ଏକମାତ ଭଉଣୀ ବେଙ୍ଗୁଲି ପାଠପଢା ବନ୍ଦକରି ମା'ଙ୍କୁ ଘରର ରୋଷେଇ କାମରେ ସାହାଯ୍ୟ କରୁଥିଲେ । ତିନିବର୍ଷର କୋଡପୋଛା ପୁଅ ଭାଗବତ ବାପାଙ୍କୁ ହରାଇ ମା'ର କୋଳରେ ସର୍ବଦା ଆଶ୍ରୟ ନେଉଥିଲେ ।

ପିତୃହରା ରାମଚନ୍ଦ୍ର ( ୨୩/ ୦୭/ ୧ ୯ ୪ ୬ - ଜନ୍ମ) ପରବର୍ତ୍ତୀ ସମୟରେ - ନିଜର ଜୀବିକା ପାଇଁ କାଠକାମକୁ ଆଦରି ନେଲେ । ବାର ବର୍ଷରୁ ପନ୍ଦର ବର୍ଷ ଏହିପରି ତିନିବର୍ଷ ପର୍ଯ୍ୟନ୍ତ ସେ ନିଜର କାଠଶିଳ୍ପୀ ଗୁରୁ ନବକିଶୋର ମହାରଣାଙ୍କ ଠାରୁ କାମ ଶିଖିଲେ ଓ ପନ୍ଦର ରୁ କୋଡିଏ ବର୍ଷ - ଏହି ପାଚଂ ବର୍ଷରେ ସେ ଏକ ପୂର୍ଣ୍ଣାଙ୍ଗ କାଠଶିଳ୍ପୀ ଭାବରେ ନିଜେ ପ୍ରତିଷ୍ଠିତ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ବିବାହ କରି ଘର ସଂସାର କରିଲେ ।

ପିତୃହରା ରାମଚନ୍ଦ୍ର - ପିତାଙ୍କୁ ହରାଇ ପାଚଂ ବରଷରେ ବାପା ମରିଗଲେ । ତାଙ୍କ ଚେହେରା ମଧ୍ୟ ତାଙ୍କର ମନେ ନଥିଲା । ବହୁତ ଦୁଃଖ କଷ୍ଟରେ ସ୍ୱାଭିମାନୀ ଭାବରେ ସମାଜରେ ପ୍ରତିଷ୍ଠିତ ହୋଇଥିଲେ - ଜଣେ କାଠଶିଳ୍ପୀ, ରାଜନେତା,

ସମାଜସେବୀ । ପରବର୍ତ୍ତୀ ମୁହୂର୍ତ୍ତରେ ସେ ନିଜର ଚାରିଜଣ ପିଲାଙ୍କୁ ଏ କଷ୍ଟ ତାଙ୍କ ଜୀବନରେ ଦେଇନଥିଲେ

ପିତୃହରା ରାମଚନ୍ଦ୍ର ମଧ୍ୟ ନିଜର ସାନଭାଇ ଭାଗବତର ପାଠପଢା ସାଙ୍ଗକୁ ନିଜ ପାଖରେ ରଖି ଭୁବନ ବସ୍‌ଷ୍ଟାଣ୍ଡରେ ଦୋକାନ କରାଇବା ଠାରୁ ଆରମ୍ଭକରି ବିବାହ କାର୍ଯ୍ୟ କରିଥିଲେ ଓ ନିଜର ମା' ଭୂତିଦେବୀଙ୍କୁ - ଶେଷ ପର୍ଯ୍ୟାୟ (ମୃତ୍ୟୁ ପର୍ଯ୍ୟନ୍ତ) ନିଜ ବାସଭବନରେ ରଖିଥିଲେ ।

ଭାଇଭଉଣୀଙ୍କ ବନ୍ଧନ ଖୁବ୍ ଅପୂର୍ବ ମିଳନ ସତେଯେପରି - ଜଗନ୍ନାଥ ମହାପ୍ରଭୁ ଓ ଦେବୀ ସୁଭଦ୍ରାଙ୍କ ଭଳି । ସେଥିରୁ ପିତୃହରା ରାମଚନ୍ଦ୍ର ବା ବାଦ୍ ପଡନ୍ତେ କିପରି ।

ଏକମାତ୍ର ନାନୀ ବେଙ୍ଗୁଲିର ସମସ୍ତ ଭଲମନ୍ଦ କଥା ସେ ବଚିଂଥିବା ପର୍ଯ୍ୟନ୍ତ ପିତୃହରା ରାମଚନ୍ଦ୍ର ବୁଝୁଥିଲେ । ତାଙ୍କର ପାଚଂଗୋଟି ପୁଅ ଓ ଦୁଇଗୋଟି ଝିଅକୁ ନେଇ ଭୁବନ ଗୁରୁ ସାହିସ୍ଥ - ଲକ୍ଷ୍ମଣ ଗୁରୁଙ୍କ ସହଧର୍ମିଣୀ ଥିଲେ ବେଙ୍ଗୁଲି । ରାକ୍ଷୀ ରହିଲା ସାକ୍ଷୀ ନ୍ୟାୟରେ ପାଖରେ ଥିଲେ, ଅନ୍ୟ ଭାଇମାନେ ମଧ୍ୟ କାଳକ୍ରମେ ତା'ଠାରୁ ଦୂରେଇ ଯାଇଥିଲେ ।

ଦୈବୀଶକ୍ତିର ବଳରେ ରାମଚନ୍ଦ୍ର କାହାକୁ ଜୀବନରେ ଋଣ କରିନଥିଲେ । ପାଚଂ ବର୍ଷରେ ରାମଚନ୍ଦ୍ର ପିତୃହରା ହୋଇ ପ୍ରାକ୍ ପ୍ରାଥମିକ ଶିକ୍ଷାକରି, କାଠଶିଳ୍ପୀ ଭାବରେ ଜୀବିକା କରି - ଭୁବନ ଅରାସାହିର - ଲକ୍ଷ୍ମୀଧର ଦାସ ଓ ଶୋଲାଦେୟୀ ଦାସଙ୍କ କନ୍ୟା - ଭାରତୀ ଦେବୀଙ୍କୁ ପଚିଶ ବର୍ଷ ବୟସରେ ତା. ୦୫/୦୭/ ୧୯୭୦ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ, ଏଥିରେ ତାଙ୍କ ଦାଦା ନାରାୟଣ ନାୟକ କର୍ତ୍ତା ଭାବରେ କାର୍ଯ୍ୟ ସମାପନ କରିଥିଲେ । ନାରାୟଣ ଜୀବନର ଶେଷ ମୁହୂର୍ତ୍ତରେ ପୁତୁରା ରାମଚନ୍ଦ୍ରଙ୍କ ଠାରୁ ଗଙ୍ଗା ପାଣି ପିଇ ନିଜ ଜୀବନ ଚାଲି ଯାଇଥିଲା । ବାସ୍ତବିକ୍ ରାମଚନ୍ଦ୍ର ଦାଦା ନାରାୟଣଙ୍କ ବିବାହର ଋଣ ଏକ ରକମ ସୁଝି ଦେଇଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ

ପିତୃହରା ରାମଚନ୍ଦ୍ର ନିଜ ଜୀବନର କଷ୍ଟ ସବୁକୁ ସଦାସର୍ବଦା ମନେ ରଖିଥାନ୍ତି, ମାନବ ଜାତିଙ୍କୁ ପ୍ରଭୁ ଜଗନ୍ନାଥ ଏଭଳି ଦୁଃଖ (ତାଙ୍କ ଭଳି) କାହାକୁ

ନ ଦିଅନ୍ତୁ, ସେ ସଦାସବଦା ପ୍ରଭୁଙ୍କ ନକଟରେ ପ୍ରାଥନା କରଥାନ୍ତି ।

## କର୍ମବୀର ଶିଳ୍ପୀ ରାମଚନ୍ଦ୍ର

ବାପା - ଗୋଟିଏ ଶବ୍ଦ ଓ ଦୁଇଗୋଟି ଅକ୍ଷର । କିନ୍ତୁ ନିଜ ସନ୍ତାନମାନଙ୍କ ପାଇଁ ସେ ହେଉଛନ୍ତି ଏକ ମହାମେରୁ ଦୃମ ଭଳି । ଏ ସଂସାରରେ ସେ ହିଁ ପାଳନ କର୍ତ୍ତା - ସତେ ଅବା ସେ ଜନ୍ମଦାତା, ଶିକ୍ଷାଦାତା, କର୍ମଦାତା ଓ ବିବାହ ଦାତା, ମାତ୍ର ଜନ୍ମଦାତା ବାବାଜୀ - ମଧ୍ୟମପୁତ୍ର ରାମଚନ୍ଦ୍ରଙ୍କୁ ପାଚଂ ବର୍ଷ ବୟସ ହୋଇଥିବା ସମୟରେ ଏ ସଂସାରରୁ ବିଦାୟ ନେଇଥିଲେ । ଶିକ୍ଷା, କର୍ମ, ବିବାହ, ନିଜ ବାପା ବାବାଜୀଙ୍କ ଠାରୁ ପିତୃହରା ରାମଚନ୍ଦ୍ର ପାଇପାରି ନଥିଲେ । ବିଧବା ମା' ଭୂତିଦେବୀ ଚାରିଜଣ ପୁଅ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ଭାଗବତ ତଥା ଏକମାତ୍ର କନ୍ୟା ବେଙ୍ଗୁଲିକୁ ଧରି ବହୁତ କଷ୍ଟରେ ଜୀବନ ଅତିବାହିତ କରୁଥିଲେ । ଏଠି ସେଠି ମା' କାମ କରୁଥିବାର ଦେଖି ପୁଅମାନେ ମା'ଙ୍କୁ ଘରେ ରହିବାପାଇଁ କହି ନିଜେ ପାଠପଢାରେ ଡୋର ବାନ୍ଧି ତିନିଜଣ ପୁଅ - ଦୁଃଶାସନ, ଭୀମସେନ ଅନ୍ୟମାନଙ୍କର ଦୋକାନରେ ସେଲ୍ସମ୍ୟାନ ଭାବରେ କାର୍ଯ୍ୟ କରିଲେ ।

ମାତ୍ର ମଧ୍ୟମପୁଅ ସ୍ୱାଭିମାନୀ ରାମଚନ୍ଦ୍ର - ପର ପାଖରେ କାମ ନକରି ମାତ୍ର ଦଶବର୍ଷ ବୟସରେ ନିକଟସ୍ଥ ବିଲ ଓ ବାଡିକୁ ଯାଇ ନିଜେ ଘାସ କାଟିଆଣି ଲୋକଙ୍କୁ ଦେଇ ସେ ପଇସାରେ ଚଳୁଥିଲେ । ବାର ବରଷ ବୟସରେ ସେ ନିଜର ଜୀବିକା ଭାବରେ ଓଡିଶାର ଶିଳ୍ପୀକଳା - କାଠକାମକୁ ଆଦରି ନେଲେ । ତାଙ୍କର ଗୁରୁ - ନବକିଶୋର ମହାରଣାଙ୍କ ଠାରୁ ସେ କାଠକାମ ଶିକ୍ଷାକଲେ, ନିଜର ଦୃଢ ଇଚ୍ଛାଶକ୍ତି ବଳରେ ମାତ୍ର ତିନିବର୍ଷରେ ସେ କାଠକାମକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିନେଲେ । ପନ୍ଦରରୁ କୋଡିଏ ବର୍ଷ - ଏହି ପାଚଂବର୍ଷ ଭିତରେ ସେ ସଂପୂର୍ଣ୍ଣ ଭାବରେ କାଠକାମ (ଖଟ, ପଲଙ୍କ, ସୋଫା ସେଟ୍, ଡ୍ରେସିଙ୍ଗ୍ ଟେବୁଲ୍, ଡାଇନିଙ୍ଗ୍ ଟେବୁଲ୍ ସହ ଘରର କବାଟ, ଝରକା) ଆଦିକୁ

ସୁନ୍ଦର ଡାଳି ନକ୍ସା ମାଧ୍ୟମରେ କାଯ୍ୟ କରଥିଲେ । ଭୁବନର ଜଣେ ବିଶିଷ୍ଟ କାଠଶିଳ୍ପୀ ଭାବରେ ମର୍ଯ୍ୟାଦା ପାଇଲେ । ନିଜ ଗୁରୁ - ନବକିଶୋର ମହାରଣା ତଥା ବିଶିଷ୍ଟ କାଠଶିଳ୍ପୀ ଲକ୍ଷ୍ମଣ ଗୁରୁ ମଧ୍ୟ ରାମଚନ୍ଦ୍ରଙ୍କ ଶିଳ୍ପୀ ନିପୁଣତାକୁ ଉଚ୍ଚ ପ୍ରଶଂସା କରିଥିଲେ ।

କର୍ମବୀର ଶିଳ୍ପୀ ରାମଚନ୍ଦ୍ର ଜୀବନରେ ଆଉ ପଛକୁ ଫେରିଲେ ନାହିଁ । କାଳକ୍ରମେ ସଚିଂତ ଅର୍ଥରୁ ସେ ବଡହାଟସ୍ଥ (ଚୁଳିଆପଦା) ଠାରେ - ବଡଭାଇ ଦୁଃଶାସନ ନିଜର ଦାଦା - ନାରାୟଣ ତଥା ନିଜେ ମିଶିକରି ବାର ବିଶୁଆ ଘରଡିହ ଜାଗା କିଣିଥିଲେ - କାଠି ସାହୁ ଙ୍କଠାରୁ । ସେ ସେଠାରେ ନିଜର ଶାଳଘର (ଶ୍ରୀରାମ ଫର୍ଣ୍ଣିଚର ଓ୍ୱାର୍କସପ୍) ଆରମ୍ଭ କରିଲେ ।

ଓଡିଶା ସରକାରଙ୍କର - ଶିଳ୍ପ ବିଭାଗରେ - ଡାଇରେକ୍ଟର ଇଣ୍ଡଷ୍ଟ୍ରିଜ୍ ଙ୍କ ପାଖରେ - ଶ୍ରୀରାମ ଫର୍ଣ୍ଣିଚର ଓ୍ୱାର୍କାସପ୍ ର ପ୍ରୋପାଇଟର ରାମଚନ୍ଦ୍ର ନାୟକ ଙ୍କ ଏକ ସ୍ଥାୟୀ କ୍ଷୁଦ୍ରଶିଳ୍ପ ସଂସ୍ଥା ଭାବରେ ରେଜିଷ୍ଟ୍ରେସନ୍ ନମ୍ବର - 150501212/ PMT/SSI/22.03.1980ରେ ସାର୍ଟିଫିକେଟ୍ ପାଇଥିଲେ ।

ପରବର୍ତ୍ତୀ ସମୟରେ - ଓଡିଶା ସରକାରଙ୍କ - ଢେଙ୍କାନାଳ ଜିଲ୍ଲା ଶିଳ୍ପ ଅଧିକାରୀଙ୍କ ପତ୍ର ସଂଖ୍ୟା - 4122/DIC/DKL/ତାରିଖ - 24.04.1981 ଅନୁଯାୟୀ ରାମଚନ୍ଦ୍ର - ଭୁବନ କାରିଗର ଟ୍ରେନିଙ୍ଗ୍ ସେଣ୍ଟରର ଇନ୍‌ଷ୍ଟ୍ରୋକ୍ଟର ଭାବରେ କାର୍ଯ୍ୟକରି - ନୂତନ ଯୁବ ଶିଳ୍ପୀମାନଙ୍କୁ କାଠକାମ ତାଲିମ ଦେଇ ସରକାରଙ୍କ ଠାରୁ ମାସିକ ଦରମା ତିନିମାସ ପର୍ଯ୍ୟନ୍ତ ପାଇଥିଲେ । ତାଙ୍କର ଅନେକ ଶିଳ୍ପୀ ଆଜି ସମାଜରେ ପ୍ରତିଷ୍ଠିତ ।

ଭୁବନର ଏକ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ - ଶ୍ରୀ ଅରବିନ୍ଦ ଯୋଗ ନିକେତନ - ରାମଚନ୍ଦ୍ରଙ୍କ ଶିଳ୍ପୀ ନିପୁଣତାକୁ ସମ୍ମାନପୂର୍ବକ ତାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ତାହା ଥିଲା ୧୩/୦୧/୧୯୮୦ ମସିହା, ସେତେବେଳକୁ ଶିଳ୍ପୀ ରାମଚନ୍ଦ୍ରଙ୍କ କାଠକାମରେ ଦୀର୍ଘ କୋଡିଏ ବରଷର ଅଭିଜ୍ଞତା ରହିଥିଲା ।

ଜୀବନ ଓ ଜୀବିକା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି, ସେଥିରୁ ରାମଚନ୍ଦ୍ର

ବାଦ୍ ବା ପଡନ୍ତେ କପର । ଜନ୍ମ, ଶିକ୍ଷା, କର୍ମ ପରେ - ସେ ଭୁବନ ଅରାସାହି ନିବାସୀ ଲକ୍ଷ୍ମୀଧର ଦାସ ଓ ଶୋଲାଦେଇ ଙ୍କର କନିଷ୍ଠା କନ୍ୟା ଭାରତୀ ଦେବୀଙ୍କୁ ବୈଦିକ ରୀତିରେ ବିବାହ କରି ଚାରିଗୋଟି ପୁତ୍ର ଓ କନ୍ୟାର ଜନକ ଭାବରେ ସୁଚାରରୂପେ ପରିବାର ଚଳାଇଥାନ୍ତି

କାଳକ୍ରମେ ପରିବାରକୁ ଭଲ ଭାବରେ ଚଳାଇବା ପାଇଁ ସେ ସମାଜର ବିଭିନ୍ନ ବିଭାଗରେ କାମ କରିବାକୁ ନଜର ଦେଲେ । ରାଜନୀତିରେ ସେ ଯୋଗଦେଇ ସିଧାସଳଖ ଲୋକଙ୍କର ସମସ୍ୟା ସମାଧାନ କରିବା ଦିଗରେ ଆଗଭର ହେବା ସହ ସମାଜର ବିଭିନ୍ନ ଅନୁଷ୍ଠାନରେ ସମାଜସେବା ଆଦି କାର୍ଯ୍ୟରେ ନିଜକୁ ସାମିଲ କରିଲେ ।

ପର୍ଯ୍ୟାୟକ୍ରମେ ସେ ସାପ୍ତାହିକ ହାଟ - ଭୁବନ ବ୍ଲକ୍‌ର ମହୁଲପାଳ ଓ ଏକତାଳି ଗ୍ରାମପଚାଂୟତରେ ନିଜେ ହାଟ ନିଲାମ ନେଇ ଶୃଙ୍ଖଳିତ ଭାବରେ ଲୋକମାନଙ୍କର ଜୀବନ ଓ ଜୀବିକାର ବନ୍ଧନରେ ଏକ ସେତୁ ଭଳି କାର୍ଯ୍ୟ କରିଥିଲେ ।

ଶ୍ରୀରାମ ଫର୍ଣ୍ଣିଚର ଓ୍ୱାର୍କସପ୍‌ରେ - ନିଜେ ରାମଚନ୍ଦ୍ର ହେଡମିସ୍ତ୍ରୀ ସହିତ ଦୁଇଜଣ ଯୁବ କାଠମିସ୍ତ୍ରୀଙ୍କୁ ରଖି କାର୍ଯ୍ୟ କରୁଥିଲେ । ଆର୍ଥିକସ୍ଥିତି ସୁଦୃଢ ହେବାରୁ ନିଜ ବାପା - ବାବାଜୀଙ୍କର ସ୍ୱଳ୍ପ ଚାଷଜମି ଥିଲା, ସେ ନିଜେ କିଛି ଚାଷଜମି ନିଜସ୍ୱ କିଣିଥିଲେ ଏବଂ ବଡହାଟ ଘରଟି ନିଜର ପୈତୃକ ଘର ପୋଥାଳ ସାହି ବାସଭବନରେ ନିଜର ଅଂଶକୁ ବଡଭାଇ - ଦୁଃଶାସନଙ୍କୁ ପ୍ରଦାନ କରିବା ଦ୍ୱାରା - ବଡହାଟସ୍ଥ ଜାଗାରେ ବଡଭାଇ ଦୁଃଶାସନ ନିଜ ଜାଗାକୁ ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ନିଜର ଦାଦା ନାରାୟଣ - ତାଙ୍କ ବଡହାଟ ଜାଗାର ନିଜ ଭାଗଟିକୁ ଟଙ୍କାନେଇ - ପୁତୁରା ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । କାଳକ୍ରମେ ରାମଚନ୍ଦ୍ର - ବଡହାଟ ଜାଗାଟିର ପଛପଟର ଚାରି ବିଶୁଆ ଜାଗା ନିଜେ କିଣିଲେ, ସେଠି ଷୋହଳ ବିଶୁଆ (ଏକଗୁଣ୍ଠ) ପରିମିତ ଜାଗାରେ - ପାଚଂ ବଖରା ଘରସହ (ଦୀର୍ଘ ପଚାଶ ବର୍ଷର) ଟାଇଲ ଛପର ଘରସହ ଏକ ଜଳାଶୟ (କୂପ ଖନନ) ସହ ଗାଧୁଆ ଘର, ପାଇଖାନା, ଡାଇନିଙ୍ଗ୍, ଡ୍ରଇଁ ରୁମ୍ ସହ ସପରିବାରେ ଚଳୁଛନ୍ତି

ସାନଭାଇ ଭାଗବତ ସେଠାରେ ରହି ବ୍ୟବସାୟ କରି ବିବାହ କରିଥିଲେ, ସେ ମଧ୍ୟ ସେଠାରୁ ଯାଇ ଭୁବନ - ଲତାବିଲରେ ନିଜସ୍ୱ ଘରକରି ରହିଛନ୍ତି ।

କର୍ମବୀର ଶିଳ୍ପୀ ରାମଚନ୍ଦ୍ର - ନିଜର ତିନିଗୋଟି ପୁଅ ସୁବାଷ, ପ୍ରକାଶ ଓ ମାନସକୁ ଚାହିଁଥିଲେ ଜଣେ କେହି ତାଙ୍କର ଉତ୍ତରାଧିକାରୀ ଭାବରେ କାଠକାମ (ବଢେଇମାନଙ୍କ କୌଳିକ କୃତି) - ଆମେ ଜାତିରେ କାପୁଡିଆ, କରନ୍ତୁ - ମାତ୍ର ଦୈବୀଶକ୍ତିର ନିର୍ଦ୍ଦେଶ ଥିଲା ଅଲଗା - ସୁବାଷ - ଅଧ୍ୟାପକ, ପ୍ରକାଶ - ଓକିଲ ଓ ମାନସ - ଶିକ୍ଷକ ଭାବରେ ସମାଜରେ ନିଜର ପରିଚୟ ତିଆରି କରିଲେ ।

ଶିଳ୍ପୀ ରାମଚନ୍ଦ୍ରଙ୍କର ନିହଣ ମୁନରେ - କାରିଗରୀ କାର୍ଯ୍ୟ ପଲଙ୍କ, ଖଟରେ ସୁନ୍ଦର ସୁନ୍ଦର କାଠ ଖୋଦେଇ ଫଟୋ ସହ ସୁଲଳିତ ମୟୂର ପୁଚ୍ଛଥିବା ଡ୍ରେସିଙ୍ଗ୍ ଟେବୁଲ୍, ଭୁବନ ଅଚଂଳରେ କାହିଁକି ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ସହ ଉପକୂଳ ଓଡିଶାର କିଛି ଜିଲ୍ଲାରେ ତାଙ୍କ ହାତ ନିର୍ମିତ ଫର୍ଣ୍ଣିଚର ସେଟ୍ - ବିବାହ ଉତ୍ସବରେ ଘରେ ଘରେ ରହିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଶିଳ୍ପୀ ରାମଚନ୍ଦ୍ରଙ୍କର - ଶିଳ୍ପକଳା ବିଭିନ୍ନ ପଦର୍ଶନୀରେ ପ୍ରଦର୍ଶିତ ହୋଇଅଛି । ଭୁବନ ସହରରେ - ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟାରେ ମୁଖ୍ୟ ଅତିଥି - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଉପସ୍ଥିତିରେ ଢେଙ୍କାନାଳ ଜିଲ୍ଲା ଶିଳ୍ପକେନ୍ଦ୍ରର ପଦର୍ଶନୀରେ (କାଠ ଖୋଦେଇ ଡ୍ରେସିଙ୍ଗ୍ ଟେବୁଲ୍) ପ୍ରଦର୍ଶନ ହୋଇ ସମସ୍ତଙ୍କର ଆକର୍ଷଣ କେନ୍ଦ୍ରବିନ୍ଦୁ ସହ - ଜିଲ୍ଲା ଶିଳ୍ପକେନ୍ଦ୍ରର ପ୍ରଶଂସା ପତ୍ର ପ୍ରାପ୍ତଥିଲେ ।

ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ, ଓଡିଶା ସରକାର ଅନୁକୂଲ୍ୟରେ - ଢେଙ୍କାନାଳ ଜିଲ୍ଲା ମହୋତ୍ସବ - ୨୦୧୨ ମସିହାରେ - ଶିଳ୍ପୀ ରାମଚନ୍ଦ୍ର ମହିମା ହସ୍ତକଳା ସମ୍ମାନ ପାଇଥିଲେ । ଯାହାକି - ଢେଙ୍କାନାଳ ଜିଲ୍ଲାପାଳଙ୍କ ସ୍ୱାକ୍ଷରରେ ଏକ ମାନପତ୍ର ଥିଲା । ଓଡିଶା ହାଇକୋର୍ଟର ମାନ୍ୟବର ବିଚାରପତି - ଏହାର ସିଲେକ୍ସନ୍ କମିଟିର ବିଚାରକ ଥିଲେ । ତତ୍ସହିତ ଢେଙ୍କାନାଳ ଲୋକସଭା ସାଂସଦ, ଜିଲ୍ଲାର ମନ୍ତ୍ରୀ, ବିଧାୟକ ମାନେ ବିଚାରକ ଥିଲେ । ମହିମା ହସ୍ତକଳା ସମ୍ମାନ ଏକ ରାଜ୍ୟସ୍ତରୀୟ ପୁରସ୍କାର ଅଟେ । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ କରକମଳରୁ ଶିଳ୍ପୀ ରାମଚନ୍ଦ୍ର ଏହି ସମ୍ମାନ

ସହ ଓଁପଢୋକନ୍, ତାମ୍ରଫଳକ ଗ୍ରହଣ କରଥିଲେ ।

ଶିଳ୍ପୀ ରାମଚନ୍ଦ୍ରଙ୍କ - କାଠ ଖୋଦେଇ "ଭାରତୀୟ ନାରୀ" - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ମନୋନୟନ କମିଟିରେ ଉପସ୍ଥାପିତ ହୋଇଥିଲା । ମାତ୍ର ରାଜନୈତିକ ନେତାଙ୍କ ଚାପରେ ତାହା ସିଲେକ୍ସନ୍ ହୋଇପାରି ନଥିଲା । ପୁରସ୍କାର ବାବଦରେ ଶିଳ୍ପୀଙ୍କୁ ମାନପତ୍ର ଓ ପଚାଶ ହଜାର ଟଙ୍କା ପ୍ରଦାନ କରାଯାଇଥାଏ । ଏହି କାଠ ଖୋଦେଇ - "ଭାରତୀୟ ନାରୀ" ବର୍ତ୍ତମାନ - ରାଜ୍ୟ ହସ୍ତଶିଳ୍ପ ଓ କଳା ପ୍ରତିଷ୍ଠାନ, ଭୁବନେଶ୍ୱରରେ ଶୋଭାବର୍ଦ୍ଧନ କରୁଛି, ଯାହାକି ନୂତନ ଶିଳ୍ପୀଙ୍କୁ ପ୍ରେରଣା ଦେଉଅଛି । ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ଓଡିଶାଙ୍କ ପତ୍ର - ୧୭/ ୦୭-୦୨-୨୦୧୫ (ଥିବା ହସ୍ତଶିଳ୍ପ ପୁରସ୍କାର ସମ୍ବନ୍ଧେ) ।

ଶିଳ୍ପୀ ରାମଚନ୍ଦ୍ରଙ୍କର କାଠ ଖୋଦେଇ - ବିଜୁ ପଟ୍ଟନାୟକ (ଆଧୁନିକ ଓଡିଶାର ନିର୍ମାତା)ଙ୍କ ପ୍ରତିମୂର୍ତ୍ତି ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଅର୍ପଣ କରାଯାଇଅଛି । ଏହି ବିଜୁ ପଟ୍ଟନାୟକ ଙ୍କ କାଠ ଖୋଦେଇ ପ୍ରତିମୂର୍ତ୍ତିର କଲର ଫଟୋଗ୍ରାଫି - ଜାତୀୟ ଲଳିତ କଳା ଏକାଡେମୀ, ଭାରତ ସରକାରଙ୍କ - ୫୮ତମ ଜାତୀୟ ପଦର୍ଶନୀରେ ସ୍ଥାନ ପାଇବାପାଇଁ - ଶିଳ୍ପୀ ରାମଚନ୍ଦ୍ରଙ୍କ ରେଜିଷ୍ଟ୍ରେସନ୍ ନମ୍ବର ଥିଲା - 1764/LK/3382/2017-18/ତାରିଖ - 15.05.2017 । ଯାହାକି ଶିଳ୍ପୀ ରାମଚନ୍ଦ୍ରଙ୍କୁ ଏକ ଜାତୀୟସ୍ତରୀୟ ଶିଳ୍ପୀର ମର୍ଯ୍ୟାଦା ପ୍ରଦାନ କରିଅଛି ।

ଶିଳ୍ପୀ ରାମଚନ୍ଦ୍ର ଥିଲେ - ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତି ଲିଃ (ଓଡିଶା ସରକାରଙ୍କ ଶିଳ୍ପ ଓ ସମବାୟ ବିଭାଗ ଅଧିନ ସଂସ୍ଥା)ର ଡାଇରେକ୍ଟର ଓ ପରେ ସଭାପତି ଭାବରେ କାର୍ଯ୍ୟ କରିଥିଲେ ଶିଳ୍ପୀ ମାନଙ୍କର ବିକାଶରେ ଏହି ସଂସ୍ଥା ସହାୟକ ହୋଇ ପାରୁଥିଲା । ଏହି ସଂସ୍ଥାର ସରକାରୀ ଅଫିସର ଥିଲେ - ଭୁବନ ବ୍ଲକ୍ର ଶିଳ୍ପ ବିକାଶ ଅଧିକାରୀ (ଆଇପିଓ) । ଏହି ସଂସ୍ଥା ଏକ ସରକାରୀ ସଂସ୍ଥା । ଆଇପିଓଙ୍କ ସରକାରୀ ପତ୍ର ସଂଖ୍ୟା - ରେଜିଷ୍ଟ୍ରେସନ୍ ନଂ - 252/11/1979/ତାରିଖ - 07.01.2003 ଅନୁଯାୟୀ ଶିଳ୍ପୀ

ରାମଚନ୍ଦ୍ର - ସଂସାର ସଭାପତି ଭାବରେ ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

ଶିଳ୍ପୀ ରାମଚନ୍ଦ୍ର ଜଣେ ବରିଷ୍ଠ କାଠଶିଳ୍ପୀ ଭାବରେ ମାନ୍ୟତାପ୍ରାପ୍ତ । ତାଙ୍କର ଅନେକ ସଚିତ୍ର (ଶିଳ୍ପୀ) ସହ ଜୀବନୀ କିମ୍ବଦନ୍ତୀ ଓଡିଶାର ବିଭିନ୍ନ ପତ୍ର, ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି - ତନ୍ମଧ୍ୟରୁ "ପ୍ରତିଭା ନିକଟରେ ହାର ମାନିଛି ପ୍ରତିବନ୍ଧକ" ଶିଳ୍ପୀ ରାମଚନ୍ଦ୍ରଙ୍କ ଫଟୋ ସହିତ ଓଡିଆ ଖବରକାଗଜରେ ପ୍ରକାଶିତ । ଓଡିଶାର ଶତାୟୁ ଓଡିଆ ଖବରକାଗଜ - 'ସମାଜ'ର 'ସମାଜ ସାପ୍ତାହିକ' ସଂଖ୍ୟା - ୦୭-୧୩ - ସେପ୍ଟେମ୍ବର ମାସ - ୨୦୧୩ ମସିହାରେ ଶିଳ୍ପୀ ରାମଚନ୍ଦ୍ରଙ୍କ ପ୍ରତିଭା ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ପିତୃହରା ଶିଳ୍ପୀ ରାମଚନ୍ଦ୍ରଙ୍କର କାଠଶିଳ୍ପରେ ପନ୍ଦର ବରଷରୁ - ସତୁରୀ ବରଷ (ଅବସର ଗ୍ରହଣ) - ଦୀର୍ଘ ପଚାଂବନ ବର୍ଷ, ପାଚଂବର୍ଷ ଶିକ୍ଷା ନବୀନ ଶିଳ୍ପୀକୁ ବାଦ୍‌ଦେଲେ । ପଚାଶ ବର୍ଷ ଅର୍ଦ୍ଧଶତାବ୍ଦୀର ଶିଳ୍ପୀ ମାନ୍ୟତାକୁ ଦୃଷ୍ଟିରେ ରଖି - ଭାରତ ସରକାରଙ୍କର - "ଶିଳ୍ପୀଗୁରୁ" ସମ୍ମାନପାଇଁ ଦରଖାସ୍ତକାରୀ ଥିଲେ । ମାତ୍ର ଭାରତ ସରକାରଙ୍କ - ଡେଭଲପ୍‌ମେଣ୍ଟ କମିଶନରଙ୍କ ପତ୍ର ସଂଖ୍ୟା ନଂ - 16027(6)/2010-11(NA)3228/05.10.2012 ଅନୁଯାୟୀ ସେ ଏହି ସମ୍ମାନରୁ ବଚିଂତ ହୋଇଥିଲେ - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ଏକ ରାଜନୈତିକ ଆକ୍ରୋଶର ଶିକାର ହୋଇ ।

ଶିଳ୍ପୀ ରାମଚନ୍ଦ୍ରଙ୍କର ଜୀବନରେ ଗୋଟିଏ ଅବଶୋଷ ଯେ - ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟରୁ - ଆର୍ଟିଷ୍ଟି ପେନ୍‌ସନ୍ ପାଇଁ ଦରଖାସ୍ତକାରୀ - ସରକାରଙ୍କ ପତ୍ର ସଂଖ୍ୟା - R. No. - 22/2/2015/ତା. - 22.05.2015 ରିଖନୁଯାୟୀ ସିଲେକ୍‌ସନ୍ ହୋଇ ଭୁବନ ତହସିଲଦାରଙ୍କ ଆୟ ପ୍ରମାଣପତ୍ର ଦୁଇଟିର ସର୍ବଶେଷ ବିବରଣୀ ପ୍ରଦାନ । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ - ଅତିରିକ୍ତ ପ୍ରଧାନସଚିବ ଡକ୍ଟର ପି.କେ. ମିଶ୍ରଙ୍କ ସଂସ୍କୃତି ମନ୍ତ୍ରଣାଳୟକୁ ପତ୍ର ସଂଖ୍ୟା - APS/PM/ତା. - 07.07.2014 ରିଖରେ

ପ୍ରେରଣା, ମାତ୍ର ବ୍ୟକ୍ତିଗତ ରାଜନୈତିକ ଆକ୍ରୋଶ ରଖି ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଆର୍ଟିଷ୍ଟି ପେନ୍‌ସନ୍ କରାଇନଦେବା ଏକ ଦୁଃଖଦ ଘଟଣା ବୋଲି ଶିଳ୍ପୀ ରାମଚନ୍ଦ୍ର କହୋଭରା କଣ୍ଠରେ ସ୍ୱୀକାର କରିଅଛନ୍ତି ।

ପିତୃହରା ରାମଚନ୍ଦ୍ର - କର୍ମବୀର ଶିଳ୍ପୀ ରାମଚନ୍ଦ୍ର ଭାବରେ ସମାଜରେ ପ୍ରତିଷ୍ଠିତ ହୋଇ ପାରିଅଛନ୍ତି । ସୁଖ ଓ ଦୁଃଖଭରା ଶିଳ୍ପୀ ଜୀବନ ବିତାଇଛନ୍ତି । ନିଜର ପିଲାମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇ ପାରିଛନ୍ତି । କାଠକାମ ବଢେଇ ଜାତିର କୌଳିକ ବୃତ୍ତି ଅଟେ । ରାମଚନ୍ଦ୍ର କାପୁଡିଆ ସମାଜର ବ୍ୟକ୍ତି, ଏହା ତାଙ୍କର କୌଳିକ ପୈତୃକ ବୃତ୍ତି ନଥିଲା । ମାତ୍ର ସୃଜନଶୀଳ କଳା ଏକ ଭଗବାନଙ୍କ ପ୍ରଦତ୍ତ । ସେଥିରୁ ସେ ବା ବାଦ୍ ପଡନ୍ତେ କିପରି

କର୍ମବୀର ଶିଳ୍ପୀ ରାମଚନ୍ଦ୍ର ନିଜର ସୃଜନଶୀଳ କଳା କାଳର କରଳା ଗର୍ଭରେ ସବୁଦିନ ପାଇଁ ସନ୍ତକ ହୋଇ ରହିଥିବ - ଏ ଜୀବନୀ ସାହିତ୍ୟ - "ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା" । ସାରସ୍ୱତ ସୃଷ୍ଟି ମାଧ୍ୟମରେ ।

## ସନ୍ତାନବତ୍ସଳ ବାପା ରାମଚନ୍ଦ୍ର

ପିତରୀ ପିୟତି ପନ୍ନା ପିତା ସର୍ବଦେବତା ।

ମାତ୍ର ପାଚଂବର୍ଷ ବୟସରେ ରାମଚନ୍ଦ୍ର ପିତୃହରା ହୋଇଯାଇଥିଲେ ସତ, କିନ୍ତୁ ଦୈବୀଶକ୍ତି - ତାଙ୍କ ଜୀବନରେ ନିଷ୍ଠୁର ହୋଇ ନଥିଲା । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି - ରାମଚନ୍ଦ୍ର ନିଜ ଜୀବନର କଷଟି ପଥରରେ ଚାପିହୋଇ ଯାଇଥିଲେ ମଧ୍ୟ ଜଣେ ଆଦର୍ଶ ବାପା ଭାବରେ ନିଜର ସମସ୍ତ କର୍ତ୍ତବ୍ୟ ସମ୍ପାଦନା କରିବାରେ କେବେହେଲେ ଅବହେଳା କରିପାରି ନଥିଲେ ।

ବାପା ବାବାଜୀ ଚାଲିଗଲା ପରେ - ମା' ଭୂତିଦେବୀଙ୍କ ସହ ତିନିଭାଇ - ଦୁଃଶାସନ, ଭୀମସେନ, ଭାଗବତ ଓ ଏକମାତ୍ର ଭଉଣୀ ବେଙ୍ଗୁଲି ସହିତ ଦୁଃଖଦ ଜୀବନ ବିତାଇଥିଲେ ରାମଚନ୍ଦ୍ର । ପ୍ରାକ୍ ପ୍ରାଥମିକ ପାଠପଢାରେ ଡୋରି ବାନ୍ଧି ଦେଇଥିଲେ କାଳକାଳକୁ । ଦୈବୀଶକ୍ତିର ଆଶୀର୍ବାଦରେ ଶିକ୍ଷା ନେବାରେ ଖୁବ କମ୍ ସମୟ ମଧ୍ୟରେ ରାମଚନ୍ଦ୍ର ନିଜର ମାତୃଭାଷା - ଓଡିଆକୁ ଭଲ ଭାବରେ

କହିପାରିବା ସହ ଲେଖିପାରିବା ଓ ପଢ ପାରୁଥିଲେ । କଶୋର ବୟସରୁ ନିଜର କର୍ମମୟ ଜୀବନ - (କାଠକାମ / କାଠଶିଳ୍ପୀ)କୁ ଆଦରିନେଇ ଜଣେ କାରପେଣ୍ଟର ଭାବରେ ସମାଜରେ ପରିଚିତ ପାଇଥିଲେ । ଶ୍ରୀରାମ ଫର୍ଣ୍ଣିଚର ର ପ୍ରୋପାଇଟର ଥିଲେ ।

ଜନ୍ମ, ଶିକ୍ଷା, କର୍ମ ପରେ ବିବାହ - ଏକ ଦୈବୀଶକ୍ତିର ଅଂଶବିଶେଷ, ସେଥିରୁ ରାମଚନ୍ଦ୍ର ବାଦ୍ ପଡିନଥିଲେ । ନିଜ ଜନ୍ମମାଟି ଭୁବନ ଗାଁ ନିଜସ୍ୱ ଘର (ଭୁବନ - ପୋଥାଳ ସାହି) ବିବାହ ସ୍ଥଳ - ଭୁବନ ଗାଁର ଅରାସାହି ନିବାସୀ - ଲକ୍ଷ୍ମୀଧର ଦାସ ଓ ଶୋଲାଦେଇ ଦାସଙ୍କର କନିଷ୍ଠା କନ୍ୟା - ଭାରତୀ ଦେବୀଙ୍କୁ । ଲକ୍ଷ୍ମୀଧର ଙ୍କର ଚାରିଝିଅ - ସୀତା, ଗୋଡ଼ି, ବସନ୍ତ, ଭାରତୀ ଓ ଦୁଇଗୋଟି ପୁଅ - ସତୃଘନ ଓ କୃଷ୍ଣଚନ୍ଦ୍ର । ବିନା ଯାନି, ଯୌତୁକରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା । ରାମଚନ୍ଦ୍ରଙ୍କୁ ପଚିଶ ବର୍ଷ ଓ ଭାରତୀ ଦେବୀଙ୍କୁ କୋଡିଏ ବର୍ଷ ବୟସ ହୋଇଥିଲା । ସେମାନେ ନୂତନ ସଂସାର ଆରମ୍ଭ କରିଥିଲେ । ପର୍ଯ୍ୟାୟକ୍ରମେ ତିନି ତିନି ବର୍ଷ ଅନ୍ତରରେ ତାଙ୍କର ଏକ କନ୍ୟା ଓ ତିନିଗୋଟି ପୁତ୍ର ସନ୍ତାନ ଜନ୍ମଲାଭ କରିଲେ ।

କନ୍ୟା - ଜୟନ୍ତୀ, ପୁତ୍ର - ସୁବାଷ, ପ୍ରକାଶ, ମାନସ ଓ ଧର୍ମପତ୍ନୀ - ଭାରତୀ ଦେବୀଙ୍କୁ ନେଇ ଶିଳ୍ପୀ ରାମଚନ୍ଦ୍ରଙ୍କ ସଂସାର । ଦୈବୀଶକ୍ତିର ପ୍ରଭାବରେ ବାପା ଓ ମା' ଦୁହେଁ ସେମାନଙ୍କର ପିଲାମାନଙ୍କୁ ଛୋଟରୁ ବଡ କରିବାସହ - ଜନ୍ମ ପରେ, ଶିକ୍ଷା, କର୍ମ, ବିବାହ ଆଦି ପୂର୍ଣ୍ଣାଙ୍ଗ କାର୍ଯ୍ୟକରି ସମସ୍ତଙ୍କର ପରିବାରକୁ ନେଇ ସମଗ୍ର ଶ୍ରୀରାମ ପରିବାର ତାଙ୍କର ତତ୍ତ୍ୱାବଧାନରେ ଅଦ୍ୟାବିଧି ଚାଲି ରହିଅଛି । ଜଣେ ସନ୍ତାନବତ୍ସଳ ବାପା ରାମଚନ୍ଦ୍ର, ନିଜେ ପିଲାଟି ଦିନରେ ପିତୃହରା ହୋଇଥିବା ଦୁଃଖ, ଯନ୍ତ୍ରଣାକୁ କଦାପି ନିଜର ପିଲାମାନଙ୍କ ଜୀବନରେ ଦେଇନଥିଲି । ଆଜିକା ଦିନରେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, କର୍ମ ପ୍ରେରଣା । ଉପଯୁକ୍ତ ସଂସ୍କାର ପ୍ରଦାନ କରିବା କିଛି କମ୍ କଥାନୁହେଁ । ତତ୍‌ବାଦ ପିଲାମାନଙ୍କୁ ବିବାହ କର୍ମ ଓଡିଶାର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ପରିବାରରେ ସମ୍ପର୍ଣ୍ଣ କରିବା ଯୋଗ୍ୟତା ପିଲାଙ୍କ ସହିତ କିଛି କମ୍ କଥାନୁହେଁ । ସେଥିରୁ ରାମଚନ୍ଦ୍ର ବା ବାଦ୍

ପଡନ୍ତେ କିପରି । ନାତି ଓ ନାତୁଣୀଙ୍କ ଅଜା, ଆଈ, ଜେଜେ ଓ ଜେଜେମା ଡାକରେ ସୁଖର ପରିବେଶରେ ଜୀବନଯାପନ କରିବା ଆଜିକା ଦିନରେ ଏକ ସୌଭାଗ୍ୟର କଥା କହିଲେ ଅତ୍ୟୁକ୍ତି ହେବନାହିଁ ।

**ସନ୍ତାନବତ୍ସଳ ବାପା ରାମଚନ୍ଦ୍ର -**

ନିଜର ଚାରିଗୋଟି ସନ୍ତାନ ସନ୍ତତି ମାନଙ୍କ ବିଷୟରେ ସାମ୍ୟକ ଭାବାଗତ ଆଲୋଚନା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

**ଏକମାତ୍ର କନ୍ୟାରତ୍ନ - ଜୟନ୍ତୀ -**

ଶିଳ୍ପୀ ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କର ବିବାହ ହୋଇଥିଲା ୦୫/୦୭/୧୯୭୦ ମସିହାରେ । ତାଙ୍କର ପ୍ରଥମ ସନ୍ତାନ ଜୟନ୍ତୀଙ୍କ ଜନ୍ମ ୨୩/ ୧୨/୧୯୭୩ ମସିହାରେ । ବାପା-ମା'ଙ୍କର ପ୍ରଥମ କନ୍ୟା ସନ୍ତାନ ତାଙ୍କୁ ସୌଭାଗ୍ୟପ୍ରାପ୍ତି ଆଣି ଦେଇଥିଲା ରାମଚନ୍ଦ୍ରଙ୍କ ଜୀବନରେ ଯାହା ବିକାଶ ଘଟିଛି - ତାଙ୍କର କନ୍ୟା ଜୟନ୍ତୀର ଜନ୍ମପରେ ବୋଲି ସେ ସ୍ୱୀକାର କରିଥାନ୍ତି । ଜମିବାଡି ଠାରୁ ଘରଡିହ ପର୍ଯ୍ୟନ୍ତ ସବୁର ବିକାଶଧାରାରେ କନ୍ୟାରତ୍ନା - ସତେଅବା ମା' ଲକ୍ଷ୍ମୀଟିଏ ପରି ଆସିବା ସହ ପରବର୍ତ୍ତୀ ସମୟରେ ରାମଚନ୍ଦ୍ରଙ୍କ ବଂଶରକ୍ଷା ପାଇଁ ଏକ ପୁତ୍ରସନ୍ତାନ ସୁବାଷର ଜନ୍ମ ସେହି ପ୍ରଥମ କନ୍ୟାରତ୍ନା ପରେପରେ ।

ଜୟନ୍ତୀ ପିଲାଟି ଦିନରୁ ବହୁତ ଗେଲ୍ଲାରେ ବଢିଥିଲେ । ବାପା-ମା' ତାଙ୍କୁ ବହୁତ ଭଲ ପାଉଥିଲେ । ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରେ - ଭୁବନ ଗାର୍ଲ୍ସ ହାଇସ୍କୁଲ ପରେପରେ ନୂଆଭୁବନ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍‌ପରେ - ଉଚ୍ଚଶିକ୍ଷା ପାଇଁ ମନ ବଳାଇଥିଲେ - କଲେଜରେ ପାଠ ପଢିବାପାଇଁ, ମାତ୍ର ଅଧିକ ପାଠ ପଢିଲେ କାପୁଡିଆ ଜାତିରେ ଭଲ ଜ୍ୱାଇଁଟିଏ ମିଳିବେ ନାହିଁ ବୋଲି ବାପା ଓ ମା'ଙ୍କ ଧାରଣା ହେବାରୁ ସେ ଆଉ ପାଠପଢି ପାରିଲେ ନାହିଁ । କାଳକ୍ରମେ ତିନିଭାଇ - ସୁବାଷ, ପ୍ରକାଶ ଓ ମାନସ ଉଚ୍ଚଶିକ୍ଷା ଲାଭ କରିବାରୁ - ଜୟନ୍ତୀର ସାନଭାଇ ସୁବାଷର ଅନୁରୋଧ କ୍ରମେ - ବାପା ଓ ମା' - ଜୟନ୍ତୀଙ୍କୁ - ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିସିସିଇ)ରେ ତତ୍‌କାଳୀନ

ୟୁଜିସି ନିୟମାନୁଯାୟୀ ସ୍ନାତକ (ବ.ଏ.) ଶ୍ରେଣୀରେ ନାମ ଲେଖାଇ ପାଠ ପଢିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଜୟନ୍ତୀଙ୍କ ବିବାହ ହୋଇଥିଲା - ଜୁଲାଇ ୯, ୨୦୦୩ ମସିହାରେ - କେନ୍ଦ୍ରାପଡା ଜିଲ୍ଲାର ଓଳକଣା ଗାଁରେ (ଓଡିଶାର ପ୍ରସିଦ୍ଧ ଦୋଳମେଲଣ - ଓଳକଣା) - ଓଡିଶା ସରକାରଙ୍କର ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ - ନନ୍ଦକିଶୋର ଲେଙ୍କା ଙ୍କ ମଧ୍ୟମପୁତ୍ର - ମହେନ୍ଦ୍ର କୁମାର ଲେଙ୍କା ଙ୍କ ସହିତ । ଚାରିଜଣ ପୁଅ ଓ ତିନିଜଣ ଝିଅ ତଥା ଧର୍ମପତ୍ନୀଙ୍କୁ ନେଇ ଲେଙ୍କା ପରିବାର । ମହେନ୍ଦ୍ର ମାଟ୍ରିକ୍ୟୁଲେସନ୍ ପର୍ଯ୍ୟନ୍ତ ପାଠ ପଢିଥିଲେ । ଜୟନ୍ତୀଙ୍କୁ ବିବାହ ପରେ - ପ୍ରଧାନମନ୍ତ୍ରୀ ରୋଜଗାର ଋଣନେଇ ଗୋଟିଏ ଛୋଟ ଗାଡି କରିଲେ ଓ ପରେପରେ ଓଡିଆ ଖବରକାଗଜ - 'ଆଗୋଇବା'ରେ କିଛିଦିନ ସାମ୍ବାଦିକ ଭାବରେ କାର୍ଯ୍ୟ କଲେ, ବର୍ତମାନ ଭାରତୀୟ ଗ୍ୟାସ୍ ବିତରକ ଙ୍କ ଏଜେଣ୍ଟ ଭାବରେ ଲୋକଙ୍କୁ ଗ୍ୟାସ୍ ଦିଅନ୍ତି ।

ଜୟନ୍ତୀ ବାପା-ମା'ଙ୍କର ଏକମାତ୍ର କନ୍ୟା ହୋଇଥିବାରୁ ବିବାହ ସମୟରେ ସମସ୍ତ ଯାନି, ଯୌତୁକ, ତାଙ୍କ ବାପା-ଜ୍ୱାଇଁଙ୍କୁ ସ୍ୱଇଚ୍ଛାରେ ଦେଇଥିଲେ । ପରବର୍ତ୍ତୀ ସମୟରେ ଜୟନ୍ତୀ ଓ ମହେନ୍ଦ୍ର ଉଭୟଙ୍କୁ ବଡଶଳା ସୁବାଷ ସମସ୍ତ ନିଜ ଖର୍ଚ୍ଚରେ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ (ବି.ଏ.) ପାଠ ପଢାଇଥିଲେ, ମାତ୍ର ପାରିବାରିକ ଜଞ୍ଜାଳକ୍ରମେ ସେମାନେ ଅଣ୍ଡର-ଗ୍ରାଜୁଏଟ୍‌ରେ ରହିଗଲେ ।

ସାନଭାଇ - ଅଧ୍ୟାପକ ଡକ୍ଟର ସୁବାଷ ନାୟକ ଙ୍କ ପଦାଙ୍କ ଅନୁସରଣ କରି - ଜୟନ୍ତୀ - ସମାଜରେ ଜଣେ ଲେଖିକା ଭାବରେ ପରିଚିତ ହେଲେ । ତାଙ୍କର ସ୍ୱରଚିତ ଲେଖା - ଭୁବନ ଦଶହରା ବଳଦଯାତ୍ରା - ଭାରତୀୟ ସଂସ୍କୃତିର ଝଲକ, ଅମର ଶହୀଦ୍ ବାଜିରାଉତ - ଭାରତୀୟ ମୁକ୍ତି ସଂଗ୍ରାମର ଅମ୍ଳାନ ଦୀପଶିଖା, ଓଡିଶାର କଳା, ସାହିତ୍ୟ, ସଂସ୍କୃତିକୁ ଭୁବନର ଅବଦାନ, ଅନୁବାଦିକା ନନ୍ଦିନୀ ଶତପଥି ପ୍ରଭୃତି ଲେଖା ଓଡିଶାର ବିଭିନ୍ନ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ ଲାଭ କରିଅଛି । ଜୟନ୍ତୀ ନାୟକ - ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟା ଭାବରେ କାର୍ଯ୍ୟରତ । ତାଙ୍କର ସଭ୍ୟ ସଂଖ୍ୟା -

୧୨୫/୧୯/୧୧/୨୦୧୩ରୁ ସୂଚନାପ୍ରାପ୍ତ । ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦର - ଢେଙ୍କାନାଳ ମହୋତ୍ସବ - ୨୦୧୫ରେ କବି ସମ୍ମିଳନୀରେ ସ୍ୱରଚିତ କବିତା ପାଠକରି ମାନପତ୍ର ପ୍ରାପ୍ତ ।

ଏତଦ୍‌ବାଦ ତାଙ୍କର ତିନିଗୋଟି ସାରସ୍ୱତ ପୁସ୍ତକ - କବି ନନ୍ଦିନୀ ଶତପଥି, ଗାଳ୍ପିକା ନନ୍ଦିନୀ ଶତପଥି ଓ ଅନୁବାଦିକା ନନ୍ଦିନୀ ଶତପଥି - ଓଡିଆ ସାହିତ୍ୟର ବିକାଶପଥରେ ଏକ ସୃଜନଶୀଳତାର ପ୍ରତିଛବି ମାନ ।

ବାପା - ରାଜନେତା ରାମଚନ୍ଦ୍ରଙ୍କ ପ୍ରେରଣା ତଥା ସ୍ୱାମୀ - ମହେନ୍ଦ୍ରଙ୍କ ସମର୍ଥନରେ ରାଜନୀତିରେ ପାଦଥାପି - ଢୋରାବିଶ୍ ବ୍ଲକ୍ - ଏଣ୍ଡର ଗ୍ରାମପଚାଂୟତର - ନୀଳକଣ୍ଠପୁର ଗ୍ରାମରେ ନିର୍ବାଚିତ ଜନପ୍ରତିନିଧି ଭାବରେ କାର୍ଯ୍ୟରତା । ପାଚଂବର୍ଷ ଲୋକମାନଙ୍କର ସୁଖଦୁଃଖର ସାଥି ହୋଇଥିଲେ ।

ତେଲଲୁଣର ସଂସାର ମଧ୍ୟରେ - ଜୟନ୍ତୀ ଓ ମହେନ୍ଦ୍ର ଙ୍କର - ପ୍ରଥମ ପୁତ୍ରସନ୍ତାନ ଜନ୍ମହେବାର କେତେଘଣ୍ଟା ପରେ ମରିଗଲା ମାତ୍ର ପରବର୍ତ୍ତୀ ମୂହୁର୍ତ୍ତରେ - ଦୁଇଗୋଟି କନ୍ୟାସନ୍ତାନ । ବଡଝିଅ - ରାଜେଶ୍ୱରୀ ଲେଙ୍କା (ଲିସା) - ନିଜ ଅଜାଘର ଭୁବନରେ ଦଶମ ଶ୍ରେଣୀର ଛାତ୍ରୀ ଓ ସାନଝିଅ - ବ୍ରଜେଶ୍ୱରୀ ଲେଙ୍କା (ଇସା) - ନିଜ ଗାଁର ଷଷ୍ଠ ଶ୍ରେଣୀର ଛାତ୍ରୀ ।

ଏହିଭଳି ଭାବରେ ରାମଚନ୍ଦ୍ରଙ୍କ ଏକମାତ୍ର କନ୍ୟା ଜୟନ୍ତୀର ପରିବାର ।

ବଡପୁଅ - ସୁବାଷ -

ପିତୃହରା ଶିଳ୍ପୀ ରାମଚନ୍ଦ୍ର ନିଜର ବଡପୁଅ ସୁବାଷକୁ ସମାଜରେ ପ୍ରତିଷ୍ଠିତ କରାଇବାରେ ନିଜ ଜୀବନକୁ ବାଜି ଲଗାଇ ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ପିତୃହରା ଜନିତ ଦୁଃଖ ଓ ଯନ୍ତ୍ରଣା ସେ କଦାପି ନିଜର ପିଲାମାନଙ୍କର ଉପରେ ପକାଇନଥିଲେ ।

୧୪ ଏପ୍ରିଲ୍, ୧୯୭୭ ମସିହାରେ - ବାପା - ରାମଚନ୍ଦ୍ରଙ୍କ ଐରଶ ତଥା ମା' ଭାରତୀ ଦେବୀଙ୍କ ଗର୍ଭରୁ ଜନ୍ମଲାଭ କରିଥିବା ସେହି ଛୋଟ ପିଲାଟି - ସୁବାଷ । ବାପା-ମା'ଙ୍କ ସ୍ନେହ, ଶ୍ରଦ୍ଧା ତଥା ବଡନାନୀ ଜୟନ୍ତୀର ହାତଧରି

ଚାଲିଥିବା - ସୁବାଷ - ଚାର ଓ ପାଚଂ - ଏହ ଦୁଇବଷ - ଭୁବନ ସହରର - ବାସୁଦେବ ବେହେରା (ବୁଲା)ଙ୍କ ଚାଟଶାଳୀରେ ପାଠପଢି - ଭୁବନର ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲା । ପରେ ଭୁବନ ହାଇସ୍କୁଲରୁ ୧୯୯୩ ମସିହାରେ ମାଟ୍ରିକ୍ୟୁଲେସନ୍ ପାସ୍ କରିଲେ ।

ବାପା ରାମଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ଭୁବନସ୍ଥ - ବାଜିରାଉତ ମେମୋରିଆଲ କଲେଜରୁ +୨ ଓ +୩ (ବି.ଏ.) - ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ - ଘରୋଇ ଭାବରେ ସ୍ନାତକୋତ୍ତର (ଏମ୍.ଏ.) ଓଡିଆ ଭାଷା ଓ ସାହିତ୍ୟରେ ପାସ୍ କରିଲେ ।

ବାପା ରାମଚନ୍ଦ୍ରଙ୍କର ସହିତ ରାଜନୀତିରେ ସକ୍ରିୟ ରହିବାସହ ସାହିତ୍ୟ ରଚନାରେ ନିଜକୁ ନିୟୋଜନ କରି - ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. ଉପାଧି (ନନ୍ଦିନୀ ଶତପଥି)ଙ୍କ ସାରସ୍ୱତ କୃତି ଉପରେ ପରେପରେ - ସାହିତ୍ୟ ରଚନା ତଥା ଗବେଷଣ ସର୍ବୋପରି ଅଧ୍ୟାପକ ଜୀବନୀ ।

ସମ୍ପ୍ରତି ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ - କଟକ ଟାଙ୍ଗୀସ୍ଥ - ଟେଟ୍ରାହେଡ୍ରନ ଗ୍ରୁପ୍‌ର ତ୍ରିଦେବ ଡିଗ୍ରୀ କଲେଜର ଭାଇସ୍ ପ୍ରିନିସ୍‌ପାଲ୍ ତଥା ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟରତ ସହ, ଗବେଷକ ଓ ସାହିତ୍ୟିକ ଭାବରେ କାର୍ଯ୍ୟରତ ।

ଜଣେ ସାହିତ୍ୟିକ ଭାବରେ - ଓଡିଆ ସାହିତ୍ୟର ଜଣେ ସେବକ । ବାରଗୋଟି ସାହିତ୍ୟ ପୁସ୍ତକର ସ୍ରଷ୍ଟା -

୧. ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ
(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

୨. ପ୍ରିୟା - (ଏକ କାବ୍ୟ ସାହିତ୍ୟ)

୩. ସାରସ୍ୱତସାଧିକା ନନ୍ଦିନୀ ଶତପଥି
(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

୪. ଏକ ଯାତ୍ରା - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ
(ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ)

୫. ଭାରତୀୟ ସାହିତ୍ୟର କାବ୍ୟପୁରୁଷ -
ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ
(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

୬. ପଥହରା ପଥିକ - (ଏକ ଗଳ୍ପ ସାହିତ୍ୟ)

୭. ସୃଜନପ୍ରଭା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

୮. ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା
(ଏକ ଜୀବନୀ ସାହିତ୍ୟ)

୯. ଭାରତୀଦେବୀ - (ଏକ ନାରୀ କେନ୍ଦ୍ରିକ ଉପନ୍ୟାସ ସାହିତ୍ୟ)

୧୦. ଅସ୍ତମିତ ସୂର୍ଯ୍ୟ - ବାବାଜୀ
(ଏକ ସାମାଜିକ ନାଟ୍ୟ ସାହିତ୍ୟ)

୧୧. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"
ଭାରତୀୟ ସାହିତ୍ୟରେ ପ୍ରତିଫଳନ
(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

୧୨. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"
ବିଶ୍ୱସାହିତ୍ୟରେ ପ୍ରତିଫଳନ
(ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ଏତଦ୍‌ବାଦ ସୁବାଷ ଜଣେ ଗବେଷକ ଭାବରେ ତେରଗୋଟି ଗବେଷଣା ପତ୍ର ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧିପ୍ରାପ୍ତ । ଉଚ୍ଚତର ଗବେଷଣା ପୋଷ୍ଟ ଡକ୍ଟରାଲ - ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍.) - ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ ଉପରେ - ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଦରଖାସ୍ତକାରୀ ତଥା ସ୍ୱ ଗବେଷକ ଗାଇଡି ପାଇଁ ପ୍ରସ୍ତୁତରତ ।

ସୁବାଷ ୩୯ତମ ବିଶ୍ୱକବି ସମ୍ମିଳନୀ (କଟକ ବିଶ୍ୱବିଦ୍ୟାଳୟ) ତଥା ଜାତୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘ ସମ୍ମିଳନୀରେ ଯୋଗଦାନ ଗୌରବର କଥା ।

ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ ସଂସ୍କୃତିପ୍ରେମୀ / ଟେଲର ମାଷ୍ଟର - ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁଙ୍କ ମଧ୍ୟମାକନ୍ୟା ତୁଳସୀ ସାହୁଙ୍କୁ ୧ ୨ ଜୁନ୍, ୨ ୦ ୧ ୫ ମସିହାରେ ବୈଦିକ ରୀତିରେ ବିବାହ (ତୁଳସୀଙ୍କ ଏକମାତ୍ର ଭାଇ ଓ ତିନିଜଣ ଭଉଣୀ ଅଛନ୍ତି) । ବିବାହ ପରେ ତୁଳସୀ (ଟିକି) - ଉତ୍କଳ ବିଶ୍ୱବିଦ୍ୟାଳୟରୁ - ଘରୋଇ ଭାବରେ - ଇଂରାଜୀ ଭାଷା ଓ ସାହିତ୍ୟରେ (ଏମ୍.ଏ.) ପାସ୍‌କରି ଶିକ୍ଷକତା ବୃତି ପ୍ରତି ଆକୃଷ୍ଟ । ଏକମାତ୍ର କନ୍ୟା - ତେଜସ୍ୱିନୀ ନାୟକ (ଲକି) କୁ ନେଇ ତାଙ୍କ ସଂସାର ।

ବଡପୁଅ ସୁବାଷ ସଦାସର୍ବଦା - ବାପା ରାମଚନ୍ଦ୍ର ଙ୍କ ପାଖରେ ସମର୍ପିତ ଅଟନ୍ତି । ସୁବାଷ ଅନେକ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଅଛନ୍ତି ।

**ମଧ୍ୟମପୁତ୍ର - ପ୍ରକାଶ -**

ପିତୃହରା ରାମଚନ୍ଦ୍ରଙ୍କର ମଧ୍ୟମପୁତ୍ର - ପ୍ରକାଶ ଜନ୍ମ - ୩୦/ ୧ ୨/ ୧ ୯ ୮ ୦ । ପିଲାଟି ବେଳୁ ଭାରି କର୍ମଠ ଥିଲା । ବାପାଙ୍କୁ ତାଙ୍କର ଶ୍ରୀରାମ ଫର୍ଣ୍ଣିଚରରେ ସାହାଯ୍ୟ କରୁଥିଲା । ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପାସ୍‌ପରେ ତତ୍‌କାଳୀନ ନୂତନ ବଡହାଟ ହାଇସ୍କୁଲରେ ପାଠପଢି ଅନ୍ୟ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ପାସ୍‌ପରେ, ଟେକ୍‌ନୋଲୋଜିକୁ ଆଧାରକରି ବାଜିରାଉତ ମେମୋରିଆଲ କଲେଜରେ +୨ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କରିଲା, ମାତ୍ର ସେଠାରେ ଅକୃତ କାର୍ଯ୍ୟ ହେବାରୁ ବଡଭାଇ ସୁବାଷର ପରାମର୍ଶ କ୍ରମେ ଉଚ୍ଚଶିକ୍ଷା ପାଇଁ ତତ୍‌କାଳୀନ ୟୁଜିସି ଗାଇଡି ଲାଇନ୍ ଅନୁଯାୟୀ - ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ)ରୁ ବି.ଏ. ପାସ୍ କରିଲା - ବଁଅରପାଳର କଲେଜ (ଅନୁଗୁଳ)ରୁ ପାସ୍ କରିଲା - ପରୀକ୍ଷା ସେଣ୍ଟର ଥିଲା ।

ପରବର୍ତ୍ତୀ ସମୟରେ ବାପା ପ୍ରଦାନ କରିଥିବା କୋଡିଏ ହଜାର ଟଙ୍କା

ଦେଇଥିଲା - ନୂଆଦିଲ୍ଲୀ ଗସ୍ତ ସମୟରେ ପ୍ରକାଶ ଭଡିଓ ସୁଟିଙ୍ଗ୍ କ୍ୟାମେରା ଆଣି ନିଜ ଗୋଡରେ ଠିଆ ହୋଇପାରିଲା । ପରବର୍ତ୍ତୀ ସମୟରେ ତା'ର ୟୁନିଟ୍ (ଶ୍ରୀରାମ ଭିଜନ)କୁ ବୃଦ୍ଧିକରି - ଭୁବନ ସହରରେ ଏକ ମର୍ଯ୍ୟାଦା ସମ୍ପୂର୍ଣ୍ଣ - ଭିଡିଓ ସୁଟିଙ୍ଗ୍ ଓ ଏଡିଟିଙ୍ଗ୍ ସହ - ଡୁନ୍ କ୍ୟାମେରା, ଅତ୍ୟାଧୁନିକ ଆଲବମ୍ ସହ ବିବାହ ଆଦିର କ୍ୟାସେଟ୍ ଏଡିଟିଙ୍ଗ୍‌ର ହାଇ ପାୱାର ମେସିନ୍ ରଖି - ଭୁବନ ଅଚଂଳ ନୁହେଁ ଆଖପାଖ - ଢେଙ୍କାନାଳ, ଅନୁଗୁଳ ଓ ଯାଜପୁର ଜିଲ୍ଲାରେ ପ୍ରବାହ ବିସ୍ତାର କରିପାରିଛି ।

ସାନଭାଇ ପ୍ରକାଶର ବ୍ୟକ୍ତିତ୍ୱର ବିକାଶ ପାଇଁ ବଡଭାଇ ସୁବାଷ, ବାପା ରାମଚନ୍ଦ୍ରଙ୍କ ସହିତ କଥାହୋଇ ତାକୁ ଆଧୁନିକ ଇଲେକ୍ଟ୍ରୋନିକ୍ସ ମିଡିଆର ସାମ୍ବାଦିକ କରିବାପାଇଁ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଇଗ୍ନୁନ୍‌ରେ ସାମ୍ବାଦିକତା ପାଠ୍ୟକ୍ରମରେ ନାମ ଲେଖାଇଥିଲେ, ମାତ୍ର ସେ ସେଠାରେ ମଧ୍ୟ ସେ ଅକୃତ କାର୍ଯ୍ୟ ହେଲା - ବିଧିର ବିଧାନ କେ କରିବ ଆନ - ପୁନଶ୍ଚ ଆଇନ ପାଠ୍ୟକ୍ରମରେ - ଢେଙ୍କାନାଳ ଆଇନ କଲେଜରେ ନାମ ଲେଖାଗଲା, ସଫଳତାର ସହିତ ପ୍ରକାଶ ସେଠାରୁ ଏଲ୍.ଏଲ୍.ବି. ପାସ୍ କରିଲା, ପରେପରେ ବାପାଙ୍କ ପରାମର୍ଶ କ୍ରମେ ବଡଭାଇ ସୁବାଷ, ପ୍ରକାଶକୁ ନେଇ ଓଡିଶା ରାଜ୍ୟ ବାର୍ କାଉନ୍‌ସିଲ୍ କଟକରେ ଓକିଲ ଭାବରେ ନାମ ରେଜିଷ୍ଟ୍ରେସନ୍ କରିଲା । ରେଜିଷ୍ଟ୍ରେସନ୍ ନମ୍ବର - ୧୪୪୨/୨୦୧୦/ତାରିଖ - ୧୯/୧୨/୨୦୧୦ ରିଖନୁଯାୟୀ ସମାଜରେ ଆଡଭୋକେଟ୍ ଭାବରେ ପରିଚିତ ହେଲା । ପରେପରେ ଭୁବନର ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍  ଫାଷ୍ଟ କ୍ଲାସ୍ (ଜେଏମ୍‌ଏଫ୍‌ସି) କୋର୍ଟରେ ଅଦ୍ୟାବଧି ଓକିଲାତି କରୁଅଛି ।

ସମୟର ଚକ୍ରରେ ବଡଭାଇ ବାହାଘର ପରେ ପ୍ରକାଶର ବାହାଘର - ୧୩ ଡିସେମ୍ବର, ୨୦୧୫ରେ ବିବାହ ହେଲା - ବାଲେଶ୍ୱର ଟାଉନ୍‌ର ମୋତିଗଞ୍ଜ ନିବାସୀ - ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ - ଫକୀରମୋହନ କଲେଜ, ବାଲେଶ୍ୱର ର କ୍ରୀଡା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ହରି ନାରାୟଣ ଟାଲ୍‌ଡିଙ୍କର କନିଷ୍ଠା କନ୍ୟା - ସୁପ୍ରଭାଙ୍କ ସହିତ ବିନା ଯାନି, ଯୌତୁକରେ

ବୈଦିକ ରୀତିରେ ବିବାହ କମ, ତିନି ଭଉଣୀ ଓ ଗୋଟିଏ ଭାଇରେ ଧର୍ମପତ୍ନୀଙ୍କୁ ନେଇ ଟାଲ୍‌ଡିଙ୍କ ପରିବାର । କାଳକ୍ରମେ ପ୍ରକାଶ ଓ ସୁପ୍ରଭା (ନିନି)ଙ୍କର ଏକ ପୁତ୍ରସନ୍ତାନ ଅଂଶୁମାନ (ରାଜା) ଜନ୍ମଲାଭ କରିଲା । ସେମାନଙ୍କର ସୁଖର ସଂସାର ଚାଲି ରହିଅଛି ।

ମଧ୍ୟମପୁତ୍ର - ପ୍ରକାଶ ଶ୍ରୀରାମ ପରିବାର ପାଇଁ ଗୋଟିଏ ଆସେଟ୍ (ସବୁ କାର୍ଯ୍ୟରେ ପାରଙ୍ଗମ) କହିଲେ ଭୁଲ୍ ହେବନାହିଁ । ପ୍ରକାଶର ଧର୍ମପତ୍ନୀ - ସୁପ୍ରଭା - (ବିଏ, ବି.ଇଡି.) - ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତା ।

**ସାନପୁଅ - ମାନସ -**

ଶିଳ୍ପୀ ରାମଚନ୍ଦ୍ର ଓ ପତ୍ନୀ ଭାରତୀ ଦେବୀଙ୍କର କନିଷ୍ଠପୁତ୍ର ମାନସ, ଜନ୍ମ - ୦୮/୦୬/୧୯୮୩ । ଦୁଇଭାଇ ଓ ଜଣେ ନାନୀଙ୍କ ଗ୍ରହଣରେ ସେ ପିଲାଟି ଦିନରୁ ହସଖୁସିରେ ବଢିଅଛି । ସମସ୍ତଙ୍କ ଠାରୁ ସାନ ହୋଇଥିବାରୁ ତାକୁ ସମସ୍ତେ ଭଲ ପାଉଥିଲେ । ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପାସ୍‌ପରେ - ଭୁବନ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍‌କରି - ଭୁବନସ୍ଥ - ବାଜିରାଉତ ମେମୋରିଆଲ କଲେଜରୁ +୨ (କଳା) ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ପରେ +୩ (କଳା) - ବି.ଏ.ରେ ଏଜୁକେସନ୍ (ଅନର୍ସ) ନେଇ ପ୍ରଥମ ଶ୍ରେଣୀରେ ପାସ୍ କରିଲା । ବାପା ରାମଚନ୍ଦ୍ରଙ୍କ ପରାମର୍ଶ କ୍ରମେ ବଡଭାଇ ସୁବାଷର ପ୍ରେରଣା କ୍ରମେ ଶିକ୍ଷକ ବୃତ୍ତିକୁ ଆଦରିନେଇ ଘରୋଇ ସ୍କୁଲରେ ଶିକ୍ଷକତା କଲା ।

ମାନସ ଥିଲା ଜଣେ ନେତୃତ୍ୱବାଦୀ ପିଲା । ସେ ବାଜିରାଉତ କଲେଜର ରୌପ୍ୟ ଜୟନ୍ତୀ ବର୍ଷ (୨୦୦୨)ରେ ଛାତ୍ର ସଂସଦର ସଭାପତି ଭାବରେ ପ୍ରତିଦ୍ୱନ୍ଦିତା କରି ମାତ୍ର ତିନିଖଣ୍ଡ ଭୋଟରେ ହାରିଯାଇଥିଲା । ପରବର୍ତ୍ତୀ ସମୟରେ ତା'ର ନେତୃତ୍ୱ ଓ ସହଯୋଗରେ ଭୁବନର ଏକ ଅଗ୍ରଣୀ ଶିକ୍ଷା କୋଚିଂ ସେଣ୍ଟର ଆଶୀର୍ବାଦ କୋଚିଂ ସେଣ୍ଟର ର ସେ ପ୍ରମୁଖ ଶିକ୍ଷକ ଥିଲା ।

ବଡଭାଇ ସୁବାଷର ପ୍ରେରଣାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଘରୋଇ

ଭାବରେ - ଇଂରାଜୀ ସାହିତ୍ୟରେ ସଫଳତାର ସହିତ (ଏମ୍.ଏ.) ପାସ୍‌କରି ଭୁବନରେ ଜଣେ ଅଗ୍ରଣୀ ଇଂରାଜୀ ଶିକ୍ଷକ ଭାବରେ ମର୍ଯ୍ୟାଦା ପାଇଲା ।

ପରବର୍ତ୍ତୀ ସମୟରେ ଶିକ୍ଷକତା ବୃତ୍ତିକୁ ମର୍ଯ୍ୟାଦା ଦେଇ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁନ୍)ରୁ ବ୍ୟାଚଲର ଅଫ୍ ଏଜୁକେସନ୍ (ବି.ଇଡି.) ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ।

କାଳକ୍ରମେ ମାନସ - ଓଡିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସରକାରୀ ଉଚ୍ଚ ପ୍ରାଥମିକ (ନୋଡାଲ) ବିଦ୍ୟାଳୟରେ ସରକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ।

ବାପା ରାମଚନ୍ଦ୍ରଙ୍କର ସ୍ୱପ୍ନ ମାନସ କିପରି ଜଣେ ଉଚ୍ଚ ଶିକ୍ଷିତ ହେଉ ସେହି ସ୍ୱପ୍ନକୁ ମାନସ ସାକାର କରିଥିଲା, ବଡଭାଇ ସୁବାଷର ସହଯୋଗ କ୍ରମେ । ଇଂରାଜୀ ସାହିତ୍ୟରେ ଗବେଷଣା କରିବାପାଇଁ - ବାରିପଦା ସ୍ଥିତ - ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଡକ୍ଟର କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ପିଏଚ୍.ଡି. ରେଜିଷ୍ଟ୍ରେସନ୍ କରିଲା - ଗବେଷଣାର ବିଷୟବସ୍ତୁ - ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି (ନବୀନଙ୍କ ତିନିଗୋଟି ପୁସ୍ତକ କୁ) ଆଧାରକରି ଗବେଷଣା । ପରିଶେଷରେ ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲରଙ୍କ ସ୍ୱାକ୍ଷରରେ ନୋଟିଫିକେସନ୍ ସଂଖ୍ୟା - 198/Now/Ph.D/ 21.01.2020 ରିଖରେ ପିଏଚ୍.ଡି. ଆୱାଡ ହୋଇ ଡକ୍ଟର ମାନସ ନାୟକର ମର୍ଯ୍ୟାଦା ପାଇଲା । ଏହି ନୋଟିଫିକେସନ୍ ପରବର୍ତ୍ତୀ ମୂହୁର୍ତ୍ତରେ - ଓଡିଶା ଗେଜେଟ୍ ସଂଖ୍ୟା - 379/27.02.2020ରେ ପ୍ରକାଶିତ ହୋଇଥିଲା ଓ ବୈଦିକ ଓଡିଆ ଖବରକାଗଜ - ସମାଜରେ ପ୍ରକାଶିତ ହୋଇଥିଲା ।

ପରବର୍ତ୍ତୀ ସମୟରେ ମାନସର ବିବାହ କାର୍ଯ୍ୟ ହୋଇଥିଲା - ଢେଙ୍କାନାଳ ଜିଲ୍ଲାର ରାସୋଳ ଗାଁରେ ଓଡିଶା ସରକାରଙ୍କ ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ ପଶୁଧନ ନିରୀକ୍ଷକ ପୁରୁଷୋତ୍ତମ ସାହୁଙ୍କର ଚାରିଗୋଟି କନ୍ୟା ମଧ୍ୟରେ କନିଷ୍ଠାକନ୍ୟା - ଶିବାନୀ ସହିତ ବିନା ଯୌତୁକରେ ବୈଦିକ ରୀତିରେ ବିବାହ ସମ୍ପୂର୍ଣ୍ଣ ହୋଇଥିଲା । ଶିବାନୀ ଥିଲେ +୩ ବିଜ୍ଞାନ (ବି.ଏସ୍‌ସି) - ଡିଆଇଟି (ସିଟି) ଟ୍ରେନିଙ୍ଗ୍‌ପ୍ରାପ୍ତ

- ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟ ତାଙ୍କ ଲକ୍ଷ୍ୟ । ମାନସ ଓ ଶବାନୀଙ୍କର ଏକମାତ୍ର ପୁତ୍ର ଜ୍ୟୋତିଆଦିତ୍ୟ (ଆଦି)କୁ ନେଇ ତାଙ୍କର ସଂସାର

ମାନସ ଜଣେ ଶିକ୍ଷକ ସହ ଥିଲେ - ଗବେଷକ, ଅନେକ ଗବେଷଣା ପତ୍ର ତାଙ୍କର ଜାତୀୟ ତଥା ଆନ୍ତର୍ଜାତୀୟ ପତ୍ର, ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ସେ ଏକାଧାରାରେ ଥିଲେ ଜଣେ ଲେଖକ "ଗୀତା ମେହେଟ୍ଟା - ଆନ୍ତର୍ଜାତୀୟ ଲେଖିକା" ତାଙ୍କ ପୁସ୍ତକ, ଏହି ପୁସ୍ତକଟି - ଜାତୀୟ ଲେଖକ ସମ୍ମିଳନୀ (କାଦମ୍ବିନୀ ପତ୍ରିକା)ରେ - ଜାନୁୟାରୀ ୨୦୧୪ ମସିହାରେ ମୁଖ୍ୟ ଅତିଥି - ଆସାମର ମହାମହିମ ରାଜ୍ୟପାଳ ଜାନକୀ ବଲ୍ଲଵ ପଟ୍ଟନାୟକ ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ଜଣେ ଛାତ୍ର ନେତାରୁ ରାଜନେତା ବନିବାପାଇଁ ମାନସର ଉଦ୍ୟମ ଥିଲା । ବାପା ରାମଚନ୍ଦ୍ରଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବରେ (୨୦୧୪ ବିଧାନସଭା ନିର୍ବାଚନରେ ବାପା ରାମଚନ୍ଦ୍ର ଥିଲେ - ବିଜୁ ଜନତା ଦଳ (ବିଜେଡି)ର କାମାକ୍ଷାନଗର ପାଇଁ ଆଶାୟୀ ବିଧାୟକ ପ୍ରାର୍ଥୀ - ବିଜୁଙ୍କୁ ଭାରତରତ୍ନ ପାଇଁ - ଓଡିଶାର ପ୍ରଥମ ସରକାରୀ ସ୍ତରୀୟ ଦାବିଦାର - (ରାଜ୍ୟପାଳଙ୍କ ସୁପାରିଶ ପତ୍ର ପ୍ରଧାନମନ୍ତ୍ରୀଙ୍କୁ) ପାଇଁ ତିରିଶ ବର୍ଷର ବରିଷ୍ଠତମ ରାଜନେତା, ଏମ୍.ପି. ନୋମିନୀ ଥିଲା ତାଙ୍କର ପରିଚୟ) - ୨୦୧୯ କାମାକ୍ଷାନଗର ର ବିଧାନସଭାର ବିଜେଡି ବିଧାୟକ ଆଶାୟୀ ପ୍ରାର୍ଥୀ ଥିଲେ ମାନସ, ତାଙ୍କର ପ୍ରମୁଖ କାର୍ଯ୍ୟଥିଲା - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତିର ଗବେଷକ, ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ପ୍ରମୁଖ ଅଧିକାରୀଙ୍କ ଅନାଧିକାର ରାଜନୈତିକ ସ୍ୱାର୍ଥ କାମାକ୍ଷାନଗର ବିଧାୟକ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଙ୍କ ସହିତ ବ୍ୟକ୍ତିଗତ ଉତ୍ତମ ସମ୍ପର୍କ, ମୁଖ୍ୟମନ୍ତ୍ରୀ ତଥା ତାଙ୍କ ଭଉଣୀ ଲେଖିକା ଗୀତା ମେହେଟ୍ଟାଙ୍କର ଉଦ୍ୟମ ସତ୍ତ୍ୱେ ଚକ୍ରାନ୍ତକାରୀ ଅଫିସରଙ୍କ ଯୋଗୁଁ ବିଜେଡି ବିଧାୟକ ପ୍ରାର୍ଥୀତ୍ୱରୁ ମାନସ ବଚିଂତ ହୋଇନଥିଲେ, ଭୁବନ ଅଚଂଳର ସ୍ୱାଭିମାନରେ ଗତିରୋଧ ହୋଇଥିଲା ।

ପିତୃହରା ସନ୍ତାନବତ୍ସଳ ବାପା ରାମଚନ୍ଦ୍ର ମାତ୍ର ପାଞ୍ଚବର୍ଷ ବୟସରେ

ବାପା ବାବାଜୀଙ୍କୁ ହରାଇବାର ଦୁଃଖଦ ଘଟଣା, ନିଜର ଚାରିଜଣ ପିଲାଙ୍କୁ ଦେଇନଥିଲେ ଦୁଃଖ ଓ ଯନ୍ତ୍ରଣା । ଧନଠାରୁ ଜନ ବଡ - ରାମଚନ୍ଦ୍ରଙ୍କ ଜୀବନର ବଡ ଆୟୁଧ ।

ଭୁବନର ମୁଖଶାଳା କାଳୀବଜାର ଠାରେ ୩୦ ଗୁଣ୍ଠ ପରିମିତ - ଶ୍ରୀରାମ ଫାର୍ମ ହାଉସ୍ (ଜାତୀୟ ରାଜପଥ - ୫୬) ସନ୍ନିକଟ । ସେଠାରେ ବିଜୁ କୃଷକ ଯୋଜନାରେ ଡିପ୍ ବୋରୱେଲ୍ ସହ ଘରଡିହ ଜମି ଅଟେ, ଯାହାର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ୍ୱହେବ ।

ଜାତୀୟ ରାଜପଥ (କଲେଜ ରୋଡ) ପେଟ୍ରୋଲ ପମ୍ପ୍ ପାଖରେ (ବାଇପାସ୍ ଛକ)ରେ ଶ୍ରୀରାମ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ଘରଡିହ ଜମି ।

ଶିଳ୍ପୀ ରାମଚନ୍ଦ୍ର ଜୀବନରେ ଧନସମ୍ପତ୍ତି କମାଇ କୋଟିପତିର ମର୍ଯ୍ୟାଦା ଠାରୁ - ନିଜର ଚାରିଜଣ ପିଲାଙ୍କୁ ସମାଜରେ ପ୍ରତିଷ୍ଠିତ କରାଇ ଆତ୍ମସନ୍ତୋଷ ଲାଭ କରିଅଛନ୍ତି - ଜଣେ ସନ୍ତାନବତ୍ସଳ ବାପା ରାମଚନ୍ଦ୍ର ନାୟକ ଭାବରେ ।

ବାପା ଓ ମା' - ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ହୋଇ ଶ୍ରୀରାମ ପରିବାର ର ମର୍ଯ୍ୟାଦା ବଢାଇଥାନ୍ତୁ - ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

## ରାଜନେତା ରାମଚନ୍ଦ୍ର

କଥାରେ ଅଛି - ନୀତି ଭିତରେ ଶ୍ରେଷ୍ଠନୀତି ରାଜନୀତି, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ସାବାଳକ ( ୧୮ ବର୍ଷରୁ ଉର୍ଦ୍ଧ୍ୱ ନାଗରିକ) ମାନେ ଭୋଟଦେଇ ନେତା ନିର୍ବାଚନ କରିଥାନ୍ତି । ଭାରତରେ ତିନି ପ୍ରକାର ର ଜନକଲ୍ୟାଣ ମୂଳକ ସରକାର ଲୋକ ପ୍ରତିନିଧି ମାଧ୍ୟମରେ ଚାଲିଥାଏ । କେନ୍ଦ୍ରରେ ଭାରତ ସରକାର, ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ସରକାର ଓ ପ୍ରତିରାଜ୍ୟ ମଧ୍ୟରେ ସ୍ଥାନୀୟ ସରକାର ଥାଆନ୍ତି । ସ୍ଥାନୀୟ ସରକାର ଦୁଇ ପ୍ରକାର ର - ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ - (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି (ବ୍ଲକ୍) ଓ ଜିଲ୍ଲା ପରିଷଦ) ଓ ସହରାଞ୍ଚଳରେ ନଗରପାଳିକା (ଏନ୍.ଏ.ସି.), ପୌରପାଳିକା (ମ୍ୟୁନିସିପାଲିଟି) ଓ ନିଗମପାଳିକା (କର୍ପୋରେସନ୍) ।

ସବୁ ସରକାର ର ମୂଳ ଲକ୍ଷ୍ୟ - ଜନକଲ୍ୟାଣ, ସାଧନା ସର୍ବୋପରି

ସରକାର - ଜନତାଙ୍କର, ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା । ଭାରତର ଗଣତନ୍ତ୍ରରେ - ଜନତା ଭୋଟ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ବିଜୟୀ କରାଇଥାନ୍ତି । ଭାରତର ସମ୍ବିଧାନ ଅନୁଯାୟୀ - ଭାରତରେ ବହୁଦଳୀୟ ଶାସନ ବ୍ୟବସ୍ଥା ରହିଛି, ସେଥିପାଇଁ ଭାରତର ମହାମହିମ ରାଷ୍ଟ୍ରପତି - ଭାରତର ନିର୍ବାଚନ କମିଶନ ନିଯୁକ୍ତି କରିଥାନ୍ତି । ନିର୍ବାଚନ କମିଶନରଙ୍କ ଠାରୁ - ରାଜନୈତିକ ଦଳମାନେ ସ୍ୱୀକୃତିପ୍ରାପ୍ତ । ଦଳ ପୁଣି ଦୁଇ ପ୍ରକାର ର - ଜାତୀୟ ଦଳ ଓ ଆଞ୍ଚଳିକ ଦଳ । ଜାତୀୟ ଦଳ ତା'ର ସଂଗଠନ ସମଗ୍ର ରାଷ୍ଟ୍ର (ଭାରତବର୍ଷରେ) କରିଥାନ୍ତି । ବ୍ଲକ୍ / ସହର ଠାରୁ ଆରମ୍ଭକରି - ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରୀୟ ସ୍ତରରେ ସଭାପତି ଓ ତାଙ୍କ ଟିମ୍ କାର୍ଯ୍ୟ କରିଥାନ୍ତି । ଆଞ୍ଚଳିକ ଦଳ - ଗୋଟିଏ ରାଜ୍ୟ ମଧ୍ୟରେ ସୀମିତ ଅଟେ । ପଞ୍ଚାୟତ, ବ୍ଲକ୍, ଜିଲ୍ଲା, ରାଜ୍ୟରେ ତାଙ୍କ ସଂଗଠନର ସଭାପତି ଓ ତାଙ୍କ ଟିମ୍ କାର୍ଯ୍ୟ କରିଥାନ୍ତି । ବେଳେବେଳେ ଜନତା ମଧ୍ୟ ରାଜନୈତିକ ଦଳର ପ୍ରାର୍ଥୀ ଅପେକ୍ଷା ନିଦଳୀୟ (ସ୍ୱାଧିନ) ପ୍ରାର୍ଥୀଙ୍କୁ ନିର୍ବାଚନରେ ବିଜୟୀ କରାଇଥାନ୍ତି । ସହରାଞ୍ଚଳ - ଚେୟାରମ୍ୟାନଙ୍କ ଠାରୁ ଆରମ୍ଭକରି ସାଂସଦ ଓ ବିଧାୟକ ମାନେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ।

ମାନବ ସେବା ହିଁ ମାଧବ ସେବା -

ପିତୃହରା ଶିଳ୍ପୀ ରାମଚନ୍ଦ୍ର ଜଣେ କାଠଶିଳ୍ପୀ ଭାବରେ ନିଜର ଜୀବିକା ନିର୍ବାହ କରିଥିଲେ ମଧ୍ୟ ଦୈବୀଶକ୍ତିର ବଳରେ ସମାଜସେବା ସହ ସକ୍ରିୟ ରାଜନୀତିରେ ଯୋଗଦାନ କରି ସମାଜରେ ଜନତାଙ୍କର ନିକଟତର ହୋଇ ପାରିଥିଲେ । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତବର୍ଷ ସ୍ୱାଧିନତା ପାଇଁ କଂଗ୍ରେସ ଦଳର ନେତା ପଣ୍ଡିତ ଜବାହାରଲାଲ ନେହେରୁ - ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେତେବେଳେ ଡକ୍ଟର କେଶବ ବଳରାମ ହେଡଗୋୱାରଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଗଠନ ହୋଇ ରାଷ୍ଟ୍ରବାଦୀ ସଂଗଠନ ଗଢି ଉଠିଥିଲା । ପରେପରେ ଭାରତୀୟ ଜନସଂଘ ଭଳି ଏକ ରାଜନୈତିକ ସଂଗଠନ ଜନ୍ମନେଲା - ପର୍ଯ୍ୟାୟକ୍ରମେ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ୧୯୭୭ ମସିହାରେ ଜନତା ପାର୍ଟି (ଏକ ଅଣକଂଗ୍ରେସ ରାଜନୈତିକ ରାଷ୍ଟ୍ରୀୟ ଦଳ)

ଭାବରେ ଭାରତବର୍ଷରେ ଠିଆ ହୋଇଥିଲା, ତାହା ପରବର୍ତ୍ତୀ ପର୍ଯ୍ୟାୟରେ - ଭାରତୀୟ ଜନତା ପାର୍ଟି (ବିଜେପି)ରେ ଏକ ରାଷ୍ଟ୍ରୀୟ ରାଜନୈତିକ ଦଳ ଭାବରେ - ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠନ ହୋଇଥିଲା । ଏହାର ରାଷ୍ଟ୍ରୀୟ ସଭାପତି ଥିଲେ ଶ୍ରୀ ବାଜପେୟୀ ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଥିଲେ ଶ୍ରୀ ଲାଲକୃଷ୍ଣ ଆଡଭାନୀ । ସମଗ୍ର ଭାରତରେ ଏ ଦଳ କାୟା ବିସ୍ତାର କରିଲା, ୦୬/୦୪/୧୯୮୦ରେ ବିଜେପି ପ୍ରତିଷ୍ଠା ।

ଶିଳ୍ପୀ ରାମଚନ୍ଦ୍ର ନିଜ ଜୀବନରେ ମାନବସେବା କୁ ଗ୍ରହଣକରି - ମାନବସେବାର ବଡଦିଗ - ରାଜନୀତିରେ ପ୍ରବେଶ କରିଲେ । ସେହି ସମୟରେ ବିଜେପି ଓଡିଶାରେ ପ୍ରବେଶ କରିଥାଏ । କାମାକ୍ଷାନଗର ର ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ (ଜନତା ପାର୍ଟି) - ୧୯୭୦-୧୯୮୦ ଯୁବ ବିଧାୟକ - ବିଜେପି ଦଳରେ ଯୋଗ ଦେଇଥିଲେ । ସେ ତାଙ୍କର ସାଥି ଭାବରେ ଭୁବନ ସହରର - ରାମଚନ୍ଦ୍ର ନାୟକ, ବାଉରୀବନ୍ଧୁ ପୃଷ୍ଟି, ସନାତନ ପାତ୍ର ପ୍ରମୁଖଙ୍କୁ ନେଇ ୧୯୮୨ ମସିହାରେ ଭୁବନରେ ବିଜେପି ସଂଗଠନ ପ୍ରାଥମିକ ପର୍ଯ୍ୟାୟରେ ଆରମ୍ଭ କରିଥିଲେ । ୧୯୮୩ ମସିହାର ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ - ଲାଲକୃଷ୍ଣ ଆଡଭାନୀଙ୍କ ଓଡିଶା ଆଗମନ ଓ ବିଭିନ୍ନ ଅଞ୍ଚଳରେ ଜନସଭା ଆୟୋଜନ କରିଥିଲେ - ସେ ମଧ୍ୟ ଭୁବନ ସହରରେ ବସ୍‌ଷ୍ଟାଣ୍ଡ ଠାରେ (ନୂଆବଜାର) ଏକ ଜନସଭା କରିଥିଲେ । ରାମଚନ୍ଦ୍ର ନାୟକ ଙ୍କ ସଭାପତିତ୍ୱରେ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ରାଷ୍ଟ୍ରୀୟ ନେତା ବଂଶୀଲାଲ ସେନୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହାଥିଲା ରାମଚନ୍ଦ୍ରଙ୍କର ପ୍ରଥମ ରାଜନୈତିକ ଜନସଭା । କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର - ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ପରେପରେ ପୁତ୍ର ରାଜୀବଗାନ୍ଧୀ ପ୍ରଧାନମନ୍ତ୍ରୀ, ଓଡିଶାରେ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ, ଜନତା ଦଳ ଥିଲା ବିରୋଧି ଦଳ, ଏହାର ନେତା ଥିଲେ ବିଜୁ ପଟ୍ଟନାୟକ, ପର୍ଯ୍ୟାୟକ୍ରମେ ଓଡିଶାରେ ବିଜେପିର ସଂଗଠନ ଆରମ୍ଭ ହେଲା । ବିଶ୍ୱଭୂଷଣ ହରିଚ୍ଚନ୍ଦନ ରାଜ୍ୟ ସଭାପତି ଭାବରେ ବିଜେପିର ସଂଗଠନ ଆରମ୍ଭ କରିଲେ । ଅବିଭକ୍ତ ଢେଙ୍କାନାଳ ଜିଲ୍ଲା କମିଟି ସହ ବିଭିନ୍ନ

ମଣ୍ଡଳ (ବ୍ଲକ୍ / ଏନ୍.ଏ.ସ.) କମିଟି ଗଠନ ହୋଇଥିଲା । ଏହି କ୍ରମରେ ଭୁବନ ଏନ୍.ଏ.ସି. ମଣ୍ଡଳ କମିଟି ଗଠିତ । ଶ୍ରୀ ବାସୁଦେବ ବେହେରା (ବୁଲା) - ଏହାର ସଭାପତି ଓ ଶ୍ରୀ ରାମଚନ୍ଦ୍ର ନାୟକ, ଏହି ସଂଗଠନ - ଉପସଭାପତି ଭାବରେ କାର୍ଯ୍ୟାରମ୍ଭ କରିଲେ । ଭୁବନ ବ୍ଲକ୍ ଓ ଏନ୍.ଏ.ସି. ରେ କଂଗ୍ରେସ ଦଳର ଚେୟାରମ୍ୟାନ ଥିବାସହ କଂଗ୍ରେସର କାମାକ୍ଷାନଗର ବିଧାୟକ ଥାଆନ୍ତି - କୈଳାସ ମହାପାତ୍ର (ଭୁବନ ବ୍ଲକ୍ ବାସିନ୍ଦା), ଏମାନେ ବିରୋଧି ଦଳରେ ରହି ବିଜେପି ସଂଗଠନ କରୁଥିଲେ ।

୧୯୮୪ ମସିହାରେ ଏକ ରାଜନୈତିକ କାରଣରୁ ୧୨ ଜଣ ବିଜେପି କର୍ମୀ - ରାମଚନ୍ଦ୍ର ନାୟକ ଙ୍କ ନେତୃତ୍ୱରେ ୨୧ ଦିନକାଳ - କାମାକ୍ଷାନଗର ଜେଲ୍‌ରେ କାରାବରଣ କରିଥିଲେ । ପରବର୍ତ୍ତୀ ସମୟରେ ୧୯୮୫ ବିଧାନସଭା ନିର୍ବାଚନରେ ପ୍ରସନ୍ନ ପଟ୍ଟନାୟକ ବିଜେପି ବିଧାୟକ ଭାବରେ କାମାକ୍ଷାନଗର ରୁ ବିଜୟୀ ହୋଇ - ଓଡିଶାର ପ୍ରଥମ ବିଜେପି ବିଧାୟକର ମାନ୍ୟତାସହ ବିଜେପିର - ରାଜ୍ୟ ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତି ପାଇଲେ । ବିଧାୟକ ପ୍ରସନ୍ନ ପଟ୍ଟନାୟକ ତା. ୨୩/୧୧/୧୯୯୫ ରିଖରେ - ମଣ୍ଡଳ ଉପସଭାପତି ରାମଚନ୍ଦ୍ର ନାୟକ ଙ୍କୁ ତାଙ୍କ ବିଧାୟକ ପ୍ୟାଡରେ ପତ୍ରଦେଇ ଘର ଘରଯାଇ ବିଜେପି ଲୋକଙ୍କ କାମ କରିବାକୁ ପରାମର୍ଶ ଦେଇଥିଲେ, ଏହା ରାମଚନ୍ଦ୍ରଙ୍କୁ ଅଧିକ ଶକ୍ତିଶାଳୀ କରିଥିଲା ।

ପରବର୍ତ୍ତୀ ସମୟରେ ୧୯୮୭ ମସିହାରେ ଓଡିଶାର ବିରୋଧି ଦଳ ନେତା ବିଜୁ ପଟ୍ଟନାୟକ ଙ୍କ ଡାକରାରେ ଏକମାତ୍ର ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକ ଙ୍କ ସହ ଅନେକ ନେତା ଓ ରାଜ୍ୟ ସଭାପତି ବିଶ୍ୱଭୂଷଣ ହରିଚ୍ଚନ୍ଦନ ମଧ୍ୟ ଜନତା ଦଳକୁ ଯିବାର ନଜର ରହିଅଛି । ପରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ - ବିଜେପି - ରାଜ୍ୟ ସଭାପତି ହେଲେ ଢେଙ୍କାନାଳ ଜିଲ୍ଲା ସଭାପତି - ରୁଦ୍ର ନାରାୟଣ ପାଣିଙ୍କ ସହ ଭୁବନ ଏନ୍.ଏ.ସି. ମଣ୍ଡଳର ସଭାପତି ରାମଚନ୍ଦ୍ର ନାୟକ ରହିଲେ । ରାମଚନ୍ଦ୍ର ତିନିଥର ଭୁବନର ବିଜେପି ସଭାପତି ଭାବରେ ଦଳରେ କାର୍ଯ୍ୟକରି - ଭୁବନରେ ବିଜେପିକୁ ପ୍ରତିଷ୍ଠା କରାଇଥିଲେ ।

୧୯୮୪ ମସହାରେ ଭୁବନର ଏନ୍.ଏ.ସ. ନବାଚନ । ରାମଚନ୍ଦ୍ର ପ୍ରଥମକରି ନିର୍ବାଚନରେ ଲଢିବାପାଇଁ ଜନତାଙ୍କ ଦରବାରକୁ ଆସିଥିଲେ - ଭୁବନର ନିଜର ୱାର୍ଡ - ୭ (ବଡହାଟ) - ବିଜେପି ସମର୍ଥିତ କାଉନ୍‌ସିଲର ପ୍ରାର୍ଥୀ ଥିଲେ । ଜନତା ଦଳରୁ ବୁଲା ବେହେରା ୭ ଓ ୧୫ ନମ୍ବର ୱାର୍ଡରୁ କାଉନ୍‌ସିଲର ପ୍ରାର୍ଥୀ ଥିଲେ । ଯୁଧିଷ୍ଠିର ସାହୁ - (କଂଗେସ ଦଳରୁ) କାଉନ୍‌ସିଲର ପ୍ରାର୍ଥୀ ଥିଲେ । ରାମଚନ୍ଦ୍ରଙ୍କ ପ୍ରାର୍ଥୀତ୍ୱକୁ ତତ୍‌କାଳୀନ କଂଗ୍ରେସ ବିଧାୟକ କୈଳାସ ମହାପାତ୍ରଙ୍କ ନିର୍ଦ୍ଦେଶାନୁଯାୟୀ - ନାକଚ କରି ଦିଆଯାଇଥିଲା । କାରଣ ଦର୍ଶାଇଥିଲେ - ରାମଚନ୍ଦ୍ର ପଢିଲେଖି ପାରୁନଥିଲେ । ଅନ୍ୟଏକ କାରଣ - ରାଜ୍ୟର କଂଗ୍ରେସ ଜେ.ବି. ପଟ୍ଟନାୟକ ସରକାର ଓ ସ୍ଥାନୀୟ ବିଧାୟକ କୈଳାସ ମହାପାତ୍ରଙ୍କ ପ୍ରତିନିଧି ଯୁଧିଷ୍ଠିର ସାହୁ ବିଜୟୀ ହେଇ ଚେୟାରମ୍ୟାନ ହେବେ । ପରିଶେଷରେ ସେଇୟା ହେଲା - ଯୁଧିଷ୍ଠିର ସାହୁ ବିଜୟୀ ହୋଇ - ଭୁବନ ଏନ୍.ଏ.ସି. ର ନଗରପାଳ ହେଲେ । ରାମଚନ୍ଦ୍ର ଏହାକୁ ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ କୋର୍ଟରେ ଆଶ୍ରୟ ନେଇଥିଲେ ।

୧୯୯୨ ମସିହାରେ - ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ (୧୯୯୦-୯୫) - ଜନତା ଦଳ ସରକାର ଓଡିଶାରେ । କାମାକ୍ଷାନଗର ବିଧାୟକ ପ୍ରସନ୍ନ ପଟ୍ଟନାୟକ (ଜନତା ଦଳ) ନଗରପାଳ (ଚେୟାରମ୍ୟାନ) ପଦବୀ - ଭାରତର ସାମ୍ବିଧାନିକ ମାନ୍ୟତାରେ ପ୍ରତ୍ୟକ୍ଷ ଭାବରେ ଭୋଟରଙ୍କ ଦ୍ୱାରା ନିର୍ବାଚନ ବ୍ୟବସ୍ଥା ଜନତା ଦଳ ପ୍ରାର୍ଥୀ - ଜଗନ୍ନାଥ ଗୁରୁ, କମ୍ୟୁନିଷ୍ଟ ଦଳ ପ୍ରାର୍ଥୀ ପୂର୍ବତନ ଉପନଗରପାଳ - ଶିବରାମ ସାହୁ, କଂଗ୍ରେସର ଶିଳ୍ପପତି - ନିତ୍ୟାନନ୍ଦ ରାଉତଙ୍କ ସହ ବିଜେପିର ଚେୟାରମ୍ୟାନ ପ୍ରାର୍ଥୀ ଥିଲେ, ଭୁବନ ସହର ର ନିର୍ମାତା ପ୍ରଥମ ଚେୟାରମ୍ୟାନ - ହରିହର ମିଶ୍ର । ମାତ୍ର ଶାସକ ଜନତା ଦଳ ପ୍ରାର୍ଥୀ - ଜଗନ୍ନାଥ ଗୁରୁ ଚେୟାରମ୍ୟାନ ନିର୍ବାଚିତ ହୋଇଥିଲେ । ସେହି ସମୟରେ ଭୁବନ ଏନ୍.ଏ.ସି. - ବିଜେପି ମଣ୍ଡଳ ସଭାପତି ଥିଲେ ରାମଚନ୍ଦ୍ର, ସେ ନିଜେ ଚେୟାରମ୍ୟାନ ପ୍ରାର୍ଥୀ ନହୋଇ ହରିହର ମିଶ୍ରଙ୍କୁ ପ୍ରାର୍ଥୀକରି ବିଜେପି ୮ ଜଣ କାଉନ୍‌ସିଲର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ହାରିଥିଲେ । ରାମଚନ୍ଦ୍ର ୧୫ ନମ୍ବର ୱାର୍ଡରୁ ବିଜେପି

କାଉନ୍‌ସିଲର ପ୍ରାର୍ଥୀ ହୋଇ ଜନତା ଦଳ ପ୍ରାର୍ଥୀ ରଥ କଶୋର ଦାସଙ୍କ ଠାରୁ ହାରିଲେ । ରାମଚନ୍ଦ୍ର ତତ୍‌କାଳୀନ ରାଜ୍ୟ ସଭାପତି – ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ୱାକ୍ଷରରେ ବିଜେପି ଟିକେଟ୍ ସମସ୍ତଙ୍କ ପାଇଁ ଆଣିଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ ବରିଷ୍ଠ ନେତା – ରାମଚନ୍ଦ୍ରଙ୍କୁ ଦଳ ସମ୍ମାନଦେଇ – ରୁଦ୍ର ନାରାୟଣ ପାଣି – ଜିଲ୍ଲା ସଭାପତି ଥିବା ସମୟରେ – ରାମଚନ୍ଦ୍ରଙ୍କୁ – ବିଜେପି ଢେଙ୍କାନାଳ ଜିଲ୍ଲାର ଜିଲ୍ଲା ଉପସଭାପତି କରାଯାଇଥିଲା । ଦୁଇଥର ସେ ଏହି ପଦବୀରେ ରହି ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

କାମାକ୍ଷାନଗର ବିଧାନସଭା ନିର୍ବାଚନରେ – ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକ (୧୯୮୫) – ୧୯୮୭ ମସିହାରେ ଜନତା ଦଳରେ ମିଶିଗଲା ପରେ, ରାମଚନ୍ଦ୍ରଙ୍କ ନେତୃତ୍ୱରେ – ଆଡଭୋକେଟ୍ ଖଗେଶ୍ୱର ପତି – (ଭୁବନ ବ୍ଲକ୍‌ର ଜିରାଳ ଗାଁ ବାସିନ୍ଦା)ଙ୍କୁ ୧୯୯୦ରେ ବିଜେପି ବିଧାୟକ ପ୍ରାର୍ଥୀ କରାଯାଇଥିଲା । ପରବର୍ତ୍ତୀ ୧୯୯୫ ବିଧାନସଭା ନିର୍ବାଚନରେ – ଭୁବନ ବ୍ଲକ୍‌ର ପୂର୍ବତନ – ଚେୟାରମ୍ୟାନ ପ୍ରେମାନନ୍ଦ ଜେନାଙ୍କୁ ବିଧାୟକ ପ୍ରାର୍ଥୀ କରାଇବାରେ ରାମଚନ୍ଦ୍ରଙ୍କ ଭୂମିକା ଥିଲା – ସେ ସମୟରେ ବିଜେପି – ରାଜ୍ୟ ଉପସଭାପତି ସମ୍ବାଦର ସମ୍ପାଦକ – ସୌମ୍ୟ ରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ରଙ୍କ କଥାକୁ ସମ୍ମାନ ଜଣାଇ – ସରପଞ୍ଚ ଉପେନ୍ଦ୍ର ମହାକୁଡ ଙ୍କୁ ଟିକେଟ୍ ନଦେଇ ଚେୟାରମ୍ୟାନ ପ୍ରେମାନନ୍ଦ ଜେନାଙ୍କୁ ଟିକେଟ୍ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନେଇଥିଲେ

୧୯୯୭ର କାମାକ୍ଷାନଗର ବିଧାନସଭାର ଉପନିର୍ବାଚନ (ବିଧାୟକ କୈଳାସ ମହାପାତ୍ରଙ୍କ ଅକାଳ ବିୟୋଗ)ରେ ବିଜେପିର ବିଧାୟକ ପ୍ରାର୍ଥୀ ଥିଲେ – ରୁଦ୍ର ନାରାୟଣ ପାଣି, ମାତ୍ର ତାଙ୍କୁ ବିଧାୟକ ମହାପାତ୍ରଙ୍କ ଧର୍ମପତ୍ନୀ – ପ୍ରେମଲତା ମହାପାତ୍ର (କଂଗ୍ରେସ) ହରାଇଥିଲେ ।

୨୦୦୦ ମସିହାରେ ବିଜେପି ସହିତ ବିଜେଡି ମେଣ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ – କାମାକ୍ଷାନଗର ବିଜେଡି ବିଧାୟକ ହେଲେ ପୂର୍ବତନ

ମନ୍ତ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ - (୨୦୦୦-୨୦୦୪) ।

ପରବର୍ତ୍ତୀ ୨୦୦୪ ନିର୍ବାଚନରେ ବିଜେପି+ବିଜେଡିର ମେଣ୍ଟ - ବିଧାୟକ ପ୍ରାର୍ଥୀ ବିଜେଡିର ପ୍ରଫୁଲ୍ଲ ମଲ୍ଲିକ୍ କାମାକ୍ଷାନଗର ବିଧାୟକ ଭାବରେ ବିଜୟୀ ହେଲେ ।

୨୦୦୦ ଓ ୨୦୦୪ ନିର୍ବାଚନରେ ବିଜେଡି ଓ ବିଜେପି ମେଣ୍ଟର ପ୍ରତ୍ୟେକ ନିର୍ବାଚନରେ ରାମଚନ୍ଦ୍ର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଓ ଭୁବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ସ୍ୱାଗତ ମଧ୍ୟ କରିଥିଲେ ହେଲିପ୍ୟାଡରେ ।

କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ସରକାରଙ୍କର ଜନବିରୋଧି କାର୍ଯ୍ୟକ୍ରମରେ ବିଜେପି ଦଳର ଭୁବନରେ ସମସ୍ତ କାର୍ଯ୍ୟକ୍ରମ ମାନ ରାମଚନ୍ଦ୍ରଙ୍କ ନେତୃତ୍ୱରେ ହେଉଥିଲା । ତତ୍‌କାଳୀନ ରାଜ୍ୟ ବିଜେପି ସଭାପତି - ବିମ୍ବାଧର କୁଅଁର ଓ ବିଶ୍ୱଭୂଷଣ ହରିଶ୍ଚନ୍ଦନ ପ୍ରମୁଖ ଅନେକବାର ଭୁବନ ଆସିଛନ୍ତି ଓ ଡାକ୍ତର ଦେବେନ୍ଦ୍ର ପ୍ରଧାନ ମଧ୍ୟ ସର୍ବଦା ଭୁବନ ବିଜେପି ନେତାଙ୍କୁ ଗୁରୁତ୍ୱ ପ୍ରଦାନ କରିଥିଲେ ।

ବିଜୁ ପଟ୍ଟନାୟକ ଙ୍କ ମୃତ୍ୟୁ ପରେ - ପୁତ୍ର ନବୀନ ପଟ୍ଟନାୟକ ନେତୃତ୍ୱରେ - ବିଜୁ ଜନତା ଦଳ (ବିଜେଡି) ଗଠନ ହୋଇ - ୧୯୯୭ ମସିହାରେ - ୧୯୯୮ରେ ବିଜେଡି ସହିତ ମେଣ୍ଟ ହେବାରୁ - ଅଟଳ ବିହାରୀ ବାଜପେୟୀ ସରକାରରେ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଓ ବିଜେପିର ଡାକ୍ତର ଦେବେନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ହୋଇଥିଲେ ଓ ଢେଙ୍କାନାଳ ଲୋକସଭା ସାଂସଦ ହୋଇଥିଲେ ବିଜେଡିର ତଥାଗତ ଶତପଥି । ତଥାଗତ ଶତପଥି ଙ୍କର ଏମ୍.ପି. ନୋମିନୀ ଭାବରେ ରାମଚନ୍ଦ୍ର କାର୍ଯ୍ୟ କରିଥିଲେ - ଭୁବନର ବାଜିରାଉତ ମେମୋରିଆଲ କଲେଜର ଗଉନିଙ୍ଗ ବଡିରେ ।

ପରବର୍ତ୍ତୀ ସମୟରେ ବରିଷ୍ଠ ନେତା - ରାମଚନ୍ଦ୍ର ନାୟକ ଦୀର୍ଘ ପଚିଶ ବର୍ଷର ଦଳୀୟ ସେବା ବିଜେପି ପ୍ରାଥମିକ ସଦସ୍ୟ (୭୫୦୫/୦୫/୦୭/ ୧୯୮୪ ରିଖରୁ ୦୮/୦୯/୨୦୦୮ ମସିହା ପର୍ଯ୍ୟନ୍ତ) ଆଧାରକୁ ନେଇ - ରାଜ୍ୟ ପରିଷଦ ସଦସ୍ୟ ଭାବରେ ନିର୍ବାଚିତ ହେବାକୁ (କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ) ଚାହିଁଥିଲେ ମାତ୍ର ତାହା ହୋଇ ପାରିନଥିଲା । ପରେପରେ ବିଜେପି

ରାଜ୍ୟ ସଭାପତି - ସୁରେଶ ପୂଜାରୀଙ୍କ ସମୟରେ ତାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀଙ୍କୁ ମନୋନୀତ କରାଯାଇ ଦଳୀୟ ସମ୍ମାନ ପ୍ରଦାନପାଇଁ ରାମଚନ୍ଦ୍ରଙ୍କ ଶେଷ ଇଚ୍ଛାଥିଲା । ରାମଚନ୍ଦ୍ରଙ୍କ ପତ୍ରକୁ ଆଧାରକରି ତତ୍‌କାଳୀନ ରାଷ୍ଟ୍ରୀୟ ସଭାପତି - ରାଜନାଥ ସିଂହ ତାଙ୍କ ପତ୍ର ସଂଖ୍ୟା - 175/BJP/P/ତାରିଖ - 01.08.2007 ରିଖରେ ଓଡିଶା ବିଜେପି ପ୍ରଭାରୀ ବିନୟ କଟିଆରଙ୍କୁ ପତ୍ର ପ୍ରେରଣ କରିଥିଲେ, ରାଜ୍ୟ ସଭାପତି ପୂଜାରୀ ଓ କେନ୍ଦ୍ରୀୟ ପ୍ରଭାରୀ କଟିଆର ଦୀର୍ଘ ଏକବର୍ଷ ବିତିଯାଇଥିଲେ ମଧ୍ୟ ରାଷ୍ଟ୍ରୀୟ ସଭାପତିଙ୍କର ପତ୍ରକୁ ଗୁରୁତ୍ୱ ନଦେବାରୁ ପରିଶେଷରେ ବରିଷ୍ଠ ନେତା - ରାମଚନ୍ଦ୍ର ବିଜେପି ଦଳର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଲେ । ୨୫ ବର୍ଷଧରି ବିଜେପି ଦଳର ସମ୍ପର୍କ ଛିନ୍ନ କରିଥିଲେ, ଦଳ ତାଙ୍କୁ ଦଳୀୟ ସେବା କରିବାର ସୁଯୋଗ ଦେଇନଥିବାରୁ ସେ ଇସ୍ତଫା ଦେଲେ ।

ରାଜନେତା - ରାମଚନ୍ଦ୍ର ମଧ୍ୟ ୨୦୦୩ ମସିହାରେ କାମାକ୍ଷାନଗର ବିଧାୟକ ବ୍ରହ୍ମାନନ୍ଦ ବିଶ୍ୱାଳ (ବିଜେଡି)ଙ୍କ ସମର୍ଥନରେ - ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତି ଲିଃର ସଭାପତି ଭାବରେ ନିର୍ବାଚିତ ହୋଇ ୪ ବର୍ଷ କାରିଗର ମାନଙ୍କ ସମସ୍ୟାର ସମାଧାନ କରିପାରିଥିଲେ ।

ବିଜେପିର ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣି ତାଙ୍କର ଏମ୍.ପି. ନୋମିନୀ ଭାବରେ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ରଙ୍କୁ ଭୁବନ ଏନ୍.ଏ.ସି. ବୈଠକରେ ଯୋଗଦେବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ସଂଖ୍ୟା - 1335/04/63E/ତାରିଖ - 01.10.2004ରେ ପ୍ରେରଣ କରିଥିଲେ, ମାତ୍ର କିଛି ରାଜ୍ୟ ବିଜେପି ନେତାଙ୍କ ଚାପରେ ଏମ୍.ପି. ରୁଦ୍ର ପାଣି ତାଙ୍କୁ ନୋମିନୀରୁ ଅପସାରଣ କରିଥିଲେ, ଯାହାକି ଓଡିଶା ସରକାରଙ୍କ - ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା - 20869/HUD/ତାରିଖ - 14.09.2006ରେ ସ୍ପଷ୍ଟ ସୂଚୀତ । ରାମଚନ୍ଦ୍ର ନିର୍ବାଚିତ କାଉନ୍‌ସିଲର ହୋଇ ପାରିନଥିଲେ ମଧ୍ୟ ମନୋନୀତ କାଉନ୍‌ସିଲର ଭାବରେ ଭୁବନରେ କାର୍ଯ୍ୟକରି ଜନସାଧାରଣଙ୍କ ସେବାରେ ନିଜକୁ ସାମିଲ କରିଥିଲେ । ତାଙ୍କ ସମୟରେ ଏମ୍.ପି.

ରୁଦ୍ର ପାଣିଙ୍କ ଏମ୍.ପ. ଲ୍ୟାଡରୁ - ବାବା ବୁଦ୍ଧେଶ୍ୱର ମନ୍ଦର ର ପାନୀୟ ଜଳ (ପାଣିଟାଙ୍କି) ସହ ଭୁବନ ସହର ର ବିଭିନ୍ନ ସାହି ବସ୍ତିର କୋଠାଘର ନିର୍ମାଣ ହୋଇ ପାରିଥିଲା ।

ଜୀବନସାରା କଂଗ୍ରେସ ଦଳ ବିରୋଧି ରାଜନୀତି କରିଥିବା ରାଜନେତା ରାମଚନ୍ଦ୍ର - ଓଡିଶାର ଶାସକ ବିଜୁ ଜନତା ଦଳ (ବିଜେଡି)ରେ ଯୋଗଦେଲେ - ୨୦୦୮ ମସିହା ଭୁବନ ଏନ୍.ଏ.ସି. ନିର୍ବାଚନ ସମୟରେ । ତାଙ୍କୁ ବିଜେଡିର କାମାକ୍ଷାନଗର ରୁ - ରାଜ୍ୟ ପରିଷଦ ସଦସ୍ୟ ମାୟାଧର ପଣ୍ଡାଙ୍କ ସ୍ୱାକ୍ଷରରେ ବିଜେଡି ପ୍ରାଥମିକ ସଭ୍ୟ ସଂଖ୍ୟା - 635602/BJD/Odisha/ 11.09.2008 ହୋଇଥିଲେ ଏକ ଜନସଭାରେ ଭୁବନ ବଡହାଟ ଠାରେ - କାମାକ୍ଷାନଗର ବିଜେଡି ବିଧାୟକ ପ୍ରଫୁଲ୍ଲ ମଲ୍ଲିକ ଓ ରାଜ୍ୟର ମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇ ୨୦୦୮ ଭୁବନ ଏନ୍.ଏ.ସି. ନିର୍ବାଚନରେ - ବିଜେଡିର ନନ୍ଦକିଶୋର ସାହୁଙ୍କୁ ଚେୟାରମ୍ୟାନ କରାଇବାରେ ରାମଚନ୍ଦ୍ର ପ୍ରମୁଖ ଭୂମିକା ନେଇଥିଲେ । ୨୦୦୯ - କାମାକ୍ଷାନଗର ବିଧାନସଭା ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଓ ଢେଙ୍କାନାଳ ଏମ୍.ପି. ପ୍ରାର୍ଥୀ ତଥାଗତ ଶତପଥିଙ୍କୁ ବିଜେଡିରୁ ବିଜୟୀ କରିବାରେ ରାମଚନ୍ଦ୍ରଙ୍କ ପ୍ରମୁଖ ଭୂମିକା ଭୁବନରେ ଥିଲା ।

ବରିଷ୍ଠ ରାଜନେତା ରାମଚନ୍ଦ୍ର - ନିଜର ଦୁଇପୁଅଙ୍କୁ ଉପଦେଶ ଦେଇଥିଲେ - ବଡପୁଅ ସୁବାଷଙ୍କୁ କହିଥିଲେ ବିଜେଡି ଉପରେ ଏକ ପୁସ୍ତକ ରଚନା ପାଇଁ - ବଡପୁଅ ଡକ୍ଟର ସୁବାଷ ନାୟକ - "ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ" ପୁସ୍ତକଟିକୁ - ବିଜେଡିର ପ୍ରତିଷ୍ଠା ଦିବସ ୨୬/୧୨/ ୨୦୧୩ ରିଖରେ ବିଜେଡି - ରାଜ୍ୟ କାର୍ଯ୍ୟାଳୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଉନ୍ମୋଚନ କରି, ପୁସ୍ତକଟିର ଉତ୍ସର୍ଗରେ ନବୀନ ପଟ୍ଟନାୟକ ସ୍ୱାକ୍ଷର କରିଥିଲେ । ଏହାଥିଲା ଏକ ରାଜନୈତିକ ସମୀକ୍ଷା ସାହିତ୍ୟ । ଭାରତର କୌଣସି ରାଜନୈତିକ ଦଳର ଏହା ପ୍ରଥମ ପୁସ୍ତକ ଅଟେ ।

ରାମଚନ୍ଦ୍ର ନିଜର ସାନପୁଅ - ଶିକ୍ଷକ ମାନସ ନାୟକ ଙ୍କୁ ପରାମର୍ଶ

ଦେଇଥିଲେ, ତାଙ୍କ ନେତା ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି ଉପରେ ଗବେଷଣା କରି ପିଏଚ୍.ଡି. କରିବାକୁ । ସେକେଣ୍ଡ ପାରାଡାଇଜ୍, ଗାଡନ ଅଫ୍ ଲାଇଫ୍ ଓ ଡେଜଟ୍ କିଙ୍ଗଡମ୍ - ଏହି ତିନିଗୋଟି ନବୀନ ପଟ୍ଟନାୟକ ଙ୍କ ପୁସ୍ତକକୁ ଆଧାରକରି Indian History and Culture in the Literary works of Naveen Patnaik - A Study ଉପରେ - ମାନସ ନାୟକ Ph.D ଉପାଧିପାଇଁ ଡକ୍ଟର ମାନସ ନାୟକ ହେଲେ - ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ, ପରେପରେ ତାହା ଓଡିଶା ଗେଜେଟ୍ ସଂଖ୍ୟା - 379/OG/ତାରିଖ - 27.02.2020ରେ ପ୍ରକାଶିତ ।

ବରିଷ୍ଠ ନେତା ରାମଚନ୍ଦ୍ର ତାଙ୍କର ସର୍ବୋଚ୍ଚ ନେତା ବିଜୁ ପଟ୍ଟନାୟକ ଙ୍କୁ ମରୋଣରେ "ଭାରତରତ୍ନ" ଉପାଧିପାଇଁ - ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ପତ୍ରଦେଇ - ଏକକୀତା ନକଲ ଓଡିଶାର ମହାମହିମ ରାଜ୍ୟପାଳଙ୍କୁ ପ୍ରେରଣା କରିଥିଲେ । ରାଜ୍ୟପାଳ ତାଙ୍କ ପତ୍ର ସଂଖ୍ୟା - 8090/SG/ 19.12.2013 ତାରିଖରେ - ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ କରିଥିଲେ । ଯାହାକି ବିଜୁଙ୍କୁ ସର୍ବୋଚ୍ଚ ଉପାଧି "ଭାରତରତ୍ନ" ପାଇଁ ପ୍ରଥମ ସରକାରୀ ସୁପାରିଶ ପତ୍ରଥିଲା । ବିଜେଡିର କୌଣସି ସାଂସଦ ଓ ବିଧାୟକ ତା'ପୂର୍ବରୁ ସରକାରୀ ସ୍ତରରେ ଏ ଦାବି କରିନଥିଲେ । ମାତ୍ର କେନ୍ଦ୍ରର କଂଗ୍ରେସ ସରକାର ଏହାକୁ ଗୁରୁତ୍ୱ ଦେଇନଥିଲେ ।

ପୁନର୍ବାର ବରିଷ୍ଠ ନେତା ରାମଚନ୍ଦ୍ର - ୨୦୧୪ ପରେ - କେନ୍ଦ୍ରରେ ବିଜେପି ସରକାର - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ରଲେଖି - ବିଜୁ ପଟ୍ଟନାୟକ ଙ୍କୁ "ଭାରତରତ୍ନ" ପାଇଁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା - 7300/2016/PMR/ତାରିଖ - 07.09.2016ରୁ ସୁସ୍ପଷ୍ଟ ଭାବରେ ସୂଚୀତ, ମାତ୍ର ଅଦ୍ୟାବଧି କେନ୍ଦ୍ରର ବିଜେପି ସରକାର ବିଜୁଙ୍କୁ ଭାରତରତ୍ନ ପ୍ରଦାନ କରିନାହାଁନ୍ତି ।

ବରିଷ୍ଠ ନେତା ରାମଚନ୍ଦ୍ର - ଶାସନ କ୍ଷମତାରେ ରହି ଜନତାଙ୍କର ପ୍ରତ୍ୟକ୍ଷ ଭାବରେ ସେବା କରିବାକୁ ଅଗ୍ରସର ହେଲେ । ସେ ଢେଙ୍କାନାଳ ଆଞ୍ଚଳିକ

ଉନ୍ନୟନ ଟ୍ରଷ୍ଟ (ଡିଟ୍ରି)ର ଚେୟାରମ୍ୟାନ ପଦବୀପାଇଁ ସରକାରୀ ସ୍ତରରେ ଏକମାତ୍ର ପ୍ରାର୍ଥୀଥିଲେ - ଯାହାକି ଓଡିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା - 32963/HUD/ତାରିଖ - 01.12.2012 ଜଣାଯାଏ । ମାତ୍ର କାମାକ୍ଷାନଗର ବିଜେଡି - ବିଧାୟକ ପ୍ରଫୁଲ୍ଲ ମଲ୍ଲିକ ନିଜର ରାଜନୈତିକ ପ୍ରତିଦ୍ୱନ୍ଦୀ ନରଖିବା ପାଇଁ ପ୍ରଭାବଶାଳୀ ରାଜ୍ୟସଭା ସାଂସଦ ପ୍ୟାରିମୋହନ ମହାପାତ୍ରଙ୍କୁ ଅବଗତ କରାଇ - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ତରରେ ବନ୍ଦକରି - ଢେଙ୍କାନାଳ ଜିଲ୍ଲାପାଳ ଡିଟ୍ରି ଚେୟାରମ୍ୟାନ ହେଲେବୋଲି ସରକାରୀ ପତ୍ର ସଂଖ୍ୟା - 8781/HUD/ତାରିଖ - 28.02.2013 ଜଣାଯାଏ ।

ପରବର୍ତ୍ତୀ ସମୟରେ ବରିଷ୍ଠ ନେତା ରାମଚନ୍ଦ୍ର ନାୟକ ନିଜର ତିରିଶ ବର୍ଷର ରାଜନୈତିକ ଜୀବନ ଦୁଇପୁଅ ସୁବାଷ (ବିଜେଡି ପୁସ୍ତକ ଲେଖକ) ଓ ମାନସ (ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତିର ଗବେଷକ)କୁ ଆଧାରକୁ ନେଇ ୨୦୧୪ - ବିଧାନସଭା ନିର୍ବାଚନରେ କାମାକ୍ଷାନଗର ରୁ - ବିଜେଡି ବିଧାୟକ ପ୍ରାର୍ଥୀପାଇଁ - ଦୁଇପୁଅଙ୍କୁ ସାଙ୍ଗରେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ସାକ୍ଷାତ ମାଧ୍ୟମରେ ଅନୁରୋଧ କରିଥିଲେ । ଦୁଇଥର ର ବିଜେଡି କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ତୃତୀୟବାର ବିଜେଡି ପ୍ରାର୍ଥୀ ନକରିଲେ ସମସ୍ତ ନେତା ଓ କର୍ମୀ ସହ ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ୍ ଓ ଏନ୍.ଏ.ସି.ର ନେତା ଓ ଚେୟାରମ୍ୟାନ ସମୂହ ଦଳରୁ ଇସ୍ତଫା ଦେବେ ବୋଲି ବୈଠକ ପରେ ଲିଖିତ ଭାବରେ ଜଣାଇଲେ । ମୁଖ୍ୟମନ୍ତ୍ରୀଙ୍କର କିଛି ଅଫିସର ତାଙ୍କୁ ଏ ସମସ୍ତ ଅବଗତ କରାଇବାରୁ - ରାମଚନ୍ଦ୍ର ବିଧାୟକ ପ୍ରାର୍ଥୀତ୍ୱରୁ ବଞ୍ଚିତ ହେଲେ ଓ ପ୍ରଫୁଲ୍ଲ ମଲ୍ଲିକ - ତୃତୀୟ ଥର ବିଧାୟକ ହୋଇ ରାଜ୍ୟମନ୍ତ୍ରୀ ଭାବରେ ଶପଥ ନେଲେ ।

ପରବର୍ତ୍ତୀ ସମୟରେ ରାମଚନ୍ଦ୍ର - ୨୦୧୯ରେ ସକ୍ରିୟ ରାଜନୀତିରୁ ଅବସର ନେଲେ (ଦୀର୍ଘ ୩୬ ବର୍ଷର ଜଣେ ରାଜନେତା ଭାବରେ କାର୍ଯ୍ୟରତ) ।

ବାପା ରାମଚନ୍ଦ୍ରଙ୍କ ପରାମର୍ଶ କ୍ରମେ - ସାନପୁଅ ମାନସ (ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତିର ଗବେଷକ) ବାପାଙ୍କର ରାଜନୈତିକ

ଉତ୍ତରାଧିକାରୀ ଭାବରେ ତଥା ମୁଖ୍ୟମନ୍ତ୍ରୀଙ୍କ ଭଉଣୀ ତଥା ବିଜୁ ପଟ୍ଟନାୟକ ଙ୍କ କନ୍ୟା - ଗୀତା ମେହେଟ୍ଟାଙ୍କ - ପୁସ୍ତକ "ଗୀତା ମେହେଟ୍ଟା ଜଣେ ଆନ୍ତର୍ଜାତୀୟ ଲେଖିକା" ଲେଖକ ତଥା ବିଜୁ ପଟ୍ଟନାୟକ ଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନ ଦାବି ଓ ନବୀନ ପଟ୍ଟନାୟକ ଙ୍କୁ ପଦ୍ମଭୂଷଣ ଉପାଧି (ଜନସେବା ପାଇଁ ମନୋନୟନ କୁ ଆଧାର ସର୍ବୋପରି ବଡଭାଇ ଡକ୍ଟର ସୁବାଷ ନାୟକ ବିଜେଡି ପୁସ୍ତକର ଲେଖକ କୁ ନେଇ ୨୦୧୯ ବିଧାନସଭା ନିର୍ବାଚନରେ - କାମାକ୍ଷାନଗର ର ବିଜେଡିରୁ ଆଶାୟୀ ବିଧାୟକ ପ୍ରାର୍ଥୀଥିଲେ - ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ସାକ୍ଷାତକରି ଦରଖାସ୍ତ କରିଥିଲେ । ନିର୍ବାଚନୀ ସମୟରେ ଗୀତା ମେହେଟ୍ଟା ନବୀନ ନିବାସରେ ଥିଲେ । ମୁଖ୍ୟମନ୍ତ୍ରୀ ଦୁଇଟି ଆସନରେ ବିଧାୟକ ଭାବରେ ନିର୍ବାଚନ ଲଢିବାରୁ ତାଙ୍କ ପୁତୁରା ଅରୁଣ ପଟ୍ଟନାୟକ, ବଡଭାଇ ପ୍ରେମ ପଟ୍ଟନାୟକ ଙ୍କ ପୁଅ ରାଜନୀତିକୁ ଆସିବେ ବୋଲି ଓଡିଶାରେ ଚର୍ଚ୍ଚାହେଲା । କାମାକ୍ଷାନଗର ବିଧାୟକ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଢେଙ୍କାନାଳରୁ ବିଜେଡିର ଏମ୍.ପି. ପ୍ରାର୍ଥୀ ହେବେ (ଢେଙ୍କାନାଳ ଏମ୍.ପି. ତଥାଗତ ଶତପଥି - ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ସକ୍ରିୟ ରାଜନୀତି କରିବେନି ବୋଲି ଘୋଷଣା କରିଥିଲେ) ବୋଲି ଚର୍ଚ୍ଚା ଓ କାମାକ୍ଷାନଗର ଜଣେ ନୂଆ ବିଧାୟକ ପ୍ରାର୍ଥୀ ହେବେ ବୋଲି ଯୋର ଚର୍ଚ୍ଚା ଧରିଥିଲା, ମାତ୍ର ହଠାତ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କର କିଛି ଅଫିସରଙ୍କ ରାଜନୈତିକ (ବ୍ୟକ୍ତିଗତ ସ୍ୱାର୍ଥ) ଷଡଯନ୍ତ୍ର ଯୋଗୁଁ - ମାନସ ବିଜେଡି ବିଧାୟକ ପ୍ରାର୍ଥୀରୁ ବଞ୍ଚିତ ହେବାସହ - ନବୀନଙ୍କ ପୁତୁରା (ପ୍ରେମ ପଟ୍ଟନାୟକ ଙ୍କ ପୁଅ) ଅରୁଣ ପଟ୍ଟନାୟକ ରାଜନୀତିରେ ପ୍ରବେଶ ବନ୍ଦହେଲା । ୫ମ ପାଳିର ଶପଥ ଗ୍ରହଣ ଉତ୍ସବରେ - ରାଜଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସହିତ ବଡଭାଇ ପ୍ରେମ ପଟ୍ଟନାୟକ, ଭଉଣୀ ଗୀତା ମେହେଟ୍ଟା ଓ ପୁତୁରା ଅରୁଣ ପଟ୍ଟନାୟକ ଉପସ୍ଥିତ ଥିଲେ । ୨୦୧୯ ନିର୍ବାଚନରେ - କାମାକ୍ଷାନଗର ରୁ ୪ର୍ଥ ର ବିଧାୟକ ଭାବରେ ପ୍ରଫୁଲ୍ଲ ମଲ୍ଲିକ ବିଜୟୀ ହୋଇ ରାଜ୍ୟର ମନ୍ତ୍ରୀ ହେଲେ ଓ ବିଜେଡିର ଢେଙ୍କାନାଳ ଏମ୍.ପି. ହେଲେ ମହେଶ ସାହୁ (ବିଜେଡିର - ପାଲଲହଡା ବିଧାୟକ) ।

ଶିଳ୍ପୀ ରାମଚନ୍ଦ୍ର ନଜର କାଠ ଖୋଦେଇ - ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତିର ଫଟୋକୁ ୫୮ତମ ଜାତୀୟ କଳା ପଦର୍ଶନୀ - ଲଳିତ କଳା ଏକାଡେମୀ, ଭାରତ ସରକାରଙ୍କ ପାଖରେ ଦରଖାସ୍ତ କରି ଶିଳ୍ପୀ ନମ୍ବର - ୧୭୬୪, ରେଜିଷ୍ଟ୍ରେସନ୍ ଓ ପତ୍ର ନମ୍ବର - LK/3382/2017-18/ତାରିଖ - 15/05/2017ରୁ ସ୍ପଷ୍ଟ ଭାବରେ ଜଣାପଡେ

ରାଜନେତା ରାମଚନ୍ଦ୍ରଙ୍କ ବଡପୁଅ - ଅଧ୍ୟାପକ ଡକ୍ଟର ସୁବାଷ ନାୟକ - ବାପାଙ୍କର ରାଜନୈତିକ ଉତ୍ତରାଧିକାରୀ ଭାବରେ - ଢେଙ୍କାନାଳ ଲୋକସଭା ସାଂସଦ - (୨୦୧୯)ରୁ ବିଜେପିରୁ ଆଶାୟୀ ପ୍ରାର୍ଥୀଥିଲେ । ବିଜେପିରେ ବାପାଙ୍କର ଦୀର୍ଘ ୨୫ ବର୍ଷର ସେବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ "ଭାରତରତ୍ନ" ଉପାଧି ଓ ଗୁଜୁରାଟୀ ସାହିତ୍ୟିକ ନରେନ୍ଦ୍ର ମୋଦିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି (ଡି.ଲିଟ୍.) ବିଶ୍ୱବିଦ୍ୟାଳୟରୁ ସର୍ବୋପରି ନରେନ୍ଦ୍ର ମୋଦିଙ୍କ - କବିତା ପୁସ୍ତକ 'ଏ ଜର୍ଣ୍ଣି'କୁ ଓଡିଆ ଭାଷାରେ ଅନୁବାଦ ତଥା ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର କାବ୍ୟଜଗତରେ ଉଚ୍ଚତର ଗବେଷଣା (ଡି.ଲିଟ୍.) ଆଦିକୁ ଆଧାରକରି - ଓଡିଆ ପୁଅ ଲେଖକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ - ଅତିରିକ୍ତ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କ ଜରିଆରେ ଦୃଢ ଦାବି ଉପସ୍ଥାପନା କରିଥିଲେ, ମାତ୍ର ରାଜ୍ୟ ବିଜେପିର କିଛି ନେତା ଓ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧ ଯୋଗୁଁ ଏହା ଫଳପ୍ରଦ ହୋଇପାରିନଥିଲା ।

ରାଜନେତା ରାମଚନ୍ଦ୍ରଙ୍କ ଅନ୍ୟତମ ପୁଅ - ଆଡଭୋକେଟ୍ ପ୍ରକାଶ ନାୟକ ମଧ୍ୟ - ଭୁବନ ବାର୍ ଆସୋସିଏସନ୍ (ଓକିଲ ସଂଘ)ରେ ନିର୍ବାଚିତ ମାଧ୍ୟମରେ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି ।

ରାଜନେତା ରାମଚନ୍ଦ୍ର ବହୁ ଘାତ ପ୍ରତିଘାତ ମଧ୍ୟରେ ରାଜନୀତିରେ ପାଦଥାପି - ଜନତାଙ୍କର ସେବାରେ ନିଜକୁ ଉତ୍ସର୍ଗ କରିବା ସହ - ସମାଜର ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକରି ଜଣେ ସମାଜସେବୀ ଭାବରେ ନିଜକୁ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି ।

ଶିଳ୍ପୀ ଓ ରାଜନୀତି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି ରାମଚନ୍ଦ୍ରଙ୍କ

ଜୀବନରେ କାର୍ଯ୍ୟ କରଛନ୍ତି । ମାନବ ସେବା ହିଁ ମାଧବ ସେବା - ଏହା ତାଙ୍କ ଜୀବନର ବ୍ରତ ।

## ସମାଜସେବୀ ରାମଚନ୍ଦ୍ର

ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ମାନବ । ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ବିନା ମଣିଷ ବଞ୍ଚିପାରିବ ନାହିଁ । ସ୍ୱାମୀ-ସ୍ତ୍ରୀ ଓ ସେମାନଙ୍କର ପିଲାମାନଙ୍କୁ ନେଇ ପରିବାର । କେତେ ଗୋଟିଏ ପରିବାରକୁ ନେଇ ସାହିବସ୍ତି ଓ କେତେଗୁଡ଼ିଏ ସାହିବସ୍ତିକୁ ନେଇ ଗାଁ ବା ସହର ରହିଛି । ଜିଲ୍ଲା, ରାଜ୍ୟ, ରାଷ୍ଟ୍ର ଅଥବା ସମଗ୍ର ବିଶ୍ୱମଣ୍ଡଳ ଏହି ସମାଜରେ କରାୟତ । ଏ ବିଶ୍ୱ ମହୀମଣ୍ଡଳକୁ ମାନବସମାଜ କୁହାଯାଇଥାଏ ।

ଏ ସମାଜରେ ବିଭିନ୍ନ ପ୍ରକାରର ମଣିଷ ଥାଆନ୍ତି - କୃଷକ, ଶ୍ରମିକ, ଶିକ୍ଷକ, ସାମରିକ ବାହିନୀ କର୍ମୀ, ପୋଲିସ କର୍ମୀ, ଅଧ୍ୟାପକ, ଡାକ୍ତର, ଇଞ୍ଜିନିୟର, ଓକିଲ, ବୈଜ୍ଞାନିକ, ବିଶେଷଜ୍ଞ, ସାହିତ୍ୟିକ, ଶିଳ୍ପୀ, କଳାକାର, ବ୍ୟବସାୟୀ, ଉଠା ଦୋକାନୀ, ବ୍ରାହ୍ମଣ, ବାରିକ, ଧୋବା ଆଦି ଅନେକ ବୃତ୍ତିଧାରୀ ଏ ସମାଜରେ ବସବାସ କରିଥାନ୍ତି । ସମସ୍ତେ ସମସ୍ତଙ୍କର ପରିପୂରକ । ଏଇତ ହେଉଛି ସମାଜ ।

ଆମ ରାଷ୍ଟ୍ର ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଅଟେ, ସବୁ ଧର୍ମର (ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିଆନ, ବୌଦ୍ଧ, ପାର୍ସୀ) ଇତ୍ୟାଦି ଲୋକ ବସବାସ କରିଥାନ୍ତି । ସବୁ - ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ । ଏହା ହିଁ ଆମପାଇଁ ଗୌରବ

ପିତୃହରା ରାମଚନ୍ଦ୍ର ମାତ୍ର ପାଞ୍ଚବର୍ଷ ବୟସରେ ବାପାଙ୍କୁ ହରାଇଥିଲେ, ମା' - ଭୂତିଦେବୀ ଓ ଭଉଣୀ - ବେଙ୍ଗୁଲି ତଥା ଭାଇ - ଦୁଃଶାସନ, ଭୀମସେନ, ସାନଭାଇ - ଭାଗବତଙ୍କ ଗ୍ରହଣରେ ପିଲାଟି ଦିନ କଟିଥିଲା । ୧ ୨ ବର୍ଷ ବୟସରୁ - ଚାଷଜମିରୁ ଘାସ ଉପାଡ଼ି(ହିଡ ମଧ୍ୟରୁ) ଆଣି ଲୋକମାନଙ୍କ ଘରେ ବିକ୍ରି କରି ପେଟପୋଷୁ ଥିଲେ - ବାପାଙ୍କର ଚାଳ ଛପର ଘରସହ କିଛିମାତ୍ର ଚାଷଜମି ରହିଥିଲା । ପିତୃହରା ରାମଚନ୍ଦ୍ର ପ୍ରାକ୍ ପ୍ରାଥମିକ ଶିକ୍ଷାରେ ଡୋରିବାନ୍ଧି ଥିଲେ ୧ ୫

ବର୍ଷ ବୟସରେ - କାଠକାମକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିଲେ । ପାଞ୍ଚବର୍ଷ ମଧ୍ୟରେ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଜଣେ ଭଲ କାଠଶିଳ୍ପୀ ଭାବରେ ଜୀବନ ବିତାଇଲେ, ଏ ସମାଜରେ ପ୍ରତିଷ୍ଠିତ ହେଲେ ଓ ମାନବ ସେବାପାଇଁ ମନ ବଳାଇ ଅଣକଂଗ୍ରେସ - ରାଜନୈତିକ ଦଳରେ ଭାରତୀୟ ଜନତା ପାର୍ଟି (ବିଜେପି) ଓ ବିଜୁ ଜନତା ଦଳ (ବିଜେଡି) ଯୋଗଦେଇ - ଲୋକମାନଙ୍କର ପାଇଁ କିଛି କାର୍ଯ୍ୟ କରିଲେ । ବିଜେପି - ଢେଙ୍କାନାଳ ଜିଲ୍ଲା ଉପସଭାପତି ତଥା ସାଂସଦ (ଏମ୍.ପି.) ନୋମିନୀ ଭାବରେ ଜନସାଧାରଣଙ୍କର ସହିତ ପ୍ରତ୍ୟକ୍ଷ ଭାବରେ ମିଶିକରି ସେବା କରିବାର ସୁଯୋଗ ପାଇଲେ ।

ରାଜନେତା ରାମଚନ୍ଦ୍ର ପର୍ଯ୍ୟାୟକ୍ରମେ ସମାଜର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସକ୍ରିୟ ଭାବରେ ସଦସ୍ୟ ହୋଇ ସମାଜସେବୀ ଭାବରେ ପରିଗଣିତ ହେଲେ । ଜୀବନର ପ୍ରାରମ୍ଭରୁ - କିଶୋର ଅବସ୍ଥାରୁ - ଜୀବନର ଅନ୍ତିମ ପର୍ଯ୍ୟାୟ ବରିଷ୍ଠ ନାଗରିକ ଭାବରେ ବିଭିନ୍ନ ସୋପାନରେ, ବିଭିନ୍ନ ସ୍ତରରେ କାର୍ଯ୍ୟକରି - ରାମଚନ୍ଦ୍ର, ଭୁବନ (ନିଜ ମା' ମାଟି) ଅଞ୍ଚଳରେ ସମାଜସେବୀର ମର୍ଯ୍ୟାଦା ପାଇଅଛନ୍ତି ।

ପରିବାର ଓ ସମାଜ ରାମଚନ୍ଦ୍ରଙ୍କ ଜୀବନରେ ଥିଲା - ଏକ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ଚାରିଜଣ ଝିଅ ଓ ପୁଅକୁ - ଜନ୍ମ ପରେ, ଶିକ୍ଷା, କର୍ମ, ବିବାହ ଆଦିର କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ଜୀବନର କର୍ମକ୍ଷେତ୍ର କାଠଶିଳ୍ପୀ ଭାବରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକରି ପ୍ରତିଷ୍ଠା ଲାଭସହ ରାଜନୀତି ଓ ସମାଜସେବା କାର୍ଯ୍ୟ ତାଙ୍କ ଜୀବନରେ ଏକ ପରିପୂର୍ଣ୍ଣମାତ୍ର । ଏହା ଏକ ଦୈବୀଶକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

## ରାମଚନ୍ଦ୍ରଙ୍କ ସମାଜସେବା

### ବାଜିରାଉତ ଯୁବକ ସଂଘ -

ଏହାଥିଲା ପିତୃହରା ରାମଚନ୍ଦ୍ରଙ୍କ ଜୀବନର ପ୍ରଥମ ସାମାଜିକ ସଂଗଠନରେ ପ୍ରବେଶ ୧୯୬୦ ମସିହାର କଥା - ନିଜଘର ପୋଥାଳ ସାହି ନିକଟସ୍ଥ - ଭୁବନ ଗାଁର ପୂର୍ବତନ - ନାଏବ ସରପଞ୍ଚ - ନାଟ୍ୟମଞ୍ଚ ନିର୍ଦ୍ଦେଶକ

ନୃସିଂହ ଚରଣ ଦାସଙ୍କର ସଭାପତତ୍ୱରେ - ଭୁବନ ଅଞ୍ଚଳର କିଶୋର ଶହୀଦ୍ ବାଜିରାଉତଙ୍କ ନାମାନୁସାରେ - ବାଜିରାଉତ ଯୁବକ ସଂଘ ଗଠନ ହୋଇଥିଲା । କିଶୋର ରାମଚନ୍ଦ୍ର ଏହାର ସଦସ୍ୟ ହୋଇଥିଲେ । ସମଗ୍ର ଭୁବନ ଗାଁରୁ ବଛାବଛା ଉଦୀୟମାନ ଯୁବକ ପ୍ରାୟ ୫୦ରୁ ୬୦ ଜଣ ଏଥିରେ ସଦସ୍ୟ ଥିଲେ ।

ସେମାନଙ୍କର ମୁଖ୍ୟକାମ ଥିଲା - ସମାଜସେବା, ଭୁବନ ଗାଁର ପ୍ରମୁଖ ରାସ୍ତା - ଖପରାହାଣ୍ଡି ଓ ମାଟିଦ୍ୱାରା ଅବରୋଧ ହୋଇଥିଲା, ତାହା ସେମାନେ ସମସ୍ତେ ସଫାକରି ଭୁବନର ପ୍ରମୁଖ ରାସ୍ତା ନିର୍ମାଣରେ ସହଯୋଗ କରିଥିଲେ । ଏତଦ୍‌ବାଦ ସଂକୀର୍ତ୍ତନ ମଣ୍ଡଳୀ (ଭଗବାନ ପ୍ରତି ଆସ୍ଥା) ତଥା ନାଟକ କରି ସେମାନେ ଅଭିନୟର କଳାଦ୍ୱାରା ଲୋକଙ୍କର ମନୋରଞ୍ଜନ କରିପାରୁଥିଲେ । ଏହି ଯୁବକ ସଂଘର ସମ୍ପାଦକ ଥିଲେ - ନାରଣ ବେହେରା

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ABVP) -

ସମଗ୍ର ଭାରତବର୍ଷରେ ଏହା ଏକ ରାଷ୍ଟ୍ରବାଦୀ ଛାତ୍ର ସଂଗଠନ । ୧୯୭୦ ମସିହାରେ - ରାମଚନ୍ଦ୍ରଙ୍କୁ ଯେତେବେଳେ ପଚିଶ (୨୫) ବର୍ଷ ହୋଇଥିଲା, ସେ ଏହି ସଂଗଠନ ପ୍ରତି ଆକୃଷ୍ଟ ହୋଇ କିଛିଦିନ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ । ଏହି ଛାତ୍ର ସଂଗଠନ ସମାଜରେ ବିଭିନ୍ନ ଦୁର୍ଦ୍ଦିନ ସମୟରେ ଲୋକମାନଙ୍କର ପାଖରେ ସଦାସର୍ବଦା ଠିଆ ହୋଇଥାଏ । ଛାତ୍ରଶକ୍ତି - ରାଷ୍ଟ୍ରଶକ୍ତି ଏହାର ମୂଳ ଲକ୍ଷ୍ୟ । ଅଧୁନା କଲେଜ ଓ ୟୁନିଭର୍‌ସିଟିରେ - ଛାତ୍ର ସଂସଦ ସଭାପତି ଓ ସମ୍ପାଦକ ସହ ଅନ୍ୟାନ୍ୟ ପ୍ରାର୍ଥୀଦେଇ ନିର୍ବାଚନରେ ବିଜୟୀ ହୋଇ ଉତ୍ତମ ଛାତ୍ର ସମାଜ ଗଠନରେ ପ୍ରମୁଖ ଭୂମିକା ନେଇ ପାରିଅଛି । ଯୁବକ ରାମଚନ୍ଦ୍ର - ଏହି ସଂଗଠନର ସଦସ୍ୟ ଭାବରେ କାର୍ଯ୍ୟକରି ନିଜ ଜୀବନକୁ ଗୌରବାନିତ୍ୱ ମନେ କରୁଥିଲେ । ଆମ ଅଞ୍ଚଳର ଭୁବନ ମହିଳା ମହାବିଦ୍ୟାଳୟ ପ୍ରିନିସ୍‌ପାଲ - ଅଧ୍ୟାପକ ଦିଲ୍ଲୀପ କୁମାର ଦାସ ABVP - ଓଡିଶାର ରାଜ୍ୟ ସଭାପତି ଭାବରେ କାର୍ଯ୍ୟକରି ଭୁବନର ଗୌରବ ବଢାଇଛନ୍ତି ।

## ବଡହାଟ ଉଚ୍ଚ ପ୍ରାଥମିକ ସ୍କୁଲ କମିଟି -

ଭୁବନ ଗାଁର ଏକ ପ୍ରମୁଖ ଜନବସତି ଅଞ୍ଚଳ ବଡହାଟ ।

ଏଠାରେ ବିଭିନ୍ନ ଜାତର ଲୋକମାନେ ବସବାସ କରନ୍ତି । ତିନି, ଚାରୋଟି ସାହିବସ୍ତିକୁ ନେଇ ବଡହାଟ ଅଞ୍ଚଳ ଗଠିତ । ଏ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ପ୍ରସାରପାଇଁ ସରକାର - ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଠନ କରିଥିଲେ । ସେଥିରେ ରାମଚନ୍ଦ୍ରଙ୍କ ସାନଭାଇ - ଭାଗବତ ପାଠପଢା ଆରମ୍ଭ କରିଥିବାରୁ ତାଙ୍କର ଅଭିଭାବକ ଥିଲେ ରାମଚନ୍ଦ୍ର, ସେ ସମୟରେ ଏକ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୁରବୀ ଶ୍ରେଣୀୟ ଲୋକଙ୍କୁ ନେଇ । ଏଥିରେ ସଭାପତି - ବାସୁଦେବ ବେହେରା (ବୁଲା), ଅନେକ ସଦସ୍ୟଙ୍କ ମଧ୍ୟରୁ ରାମଚନ୍ଦ୍ର ଅନ୍ୟତମ । କମିଟିର ସମସ୍ତ ସଦସ୍ୟଙ୍କ ପରିଶ୍ରମରେ ବିଦ୍ୟାଳୟଟିର ଗୌରବ ବୃଦ୍ଧି ପାଇଅଛି । ଅନେକ ଶିକ୍ଷାର୍ଥୀ ଏଠାରୁ ଉତ୍ତୀର୍ଣ୍ଣ ହୋଇ ସମାଜର ବିଭିନ୍ନ ସ୍ତରରେ ବଡବଡ ପଦ ଓ ପଦବୀରେ ରହି ମାନବସେବାରେ ଲାଗିଛନ୍ତି ।

**କାପୁଡିଆ ସମାଜ -**

ଭୁବନ ଏସିଆ ମହାଦେଶର ସର୍ବବୃହତ୍ତ ଗାଁ । ଏଠି ଛତିଶ ପାଟକର ଲୋକ ବସବାସ କରନ୍ତି । କାପୁଡିଆ, ପାଟରା, ହଂସି, ତେଲି, ବଣିଆ, ବ୍ରାହ୍ମଣ, ମୋଚି, ମାଳି, ଡମ, ପାଣ, କୁନ୍ଦୁରା, ଅବଧାନ ଇତ୍ୟାଦି ଇତ୍ୟାଦି । ସେଥିମଧ୍ୟରୁ କାପୁଡିଆ ଜାତି ପ୍ରମୁଖ ଜାତି ଭାବରେ ମାନ୍ୟତାପ୍ରାପ୍ତ । ପର୍ଯ୍ୟାୟକ୍ରମେ ୧୯୭୨ ମସିହାରେ ଭୁବନ ଗାଁ ସହର (ଏନ୍.ଏ.ସି.)ର ମାନ୍ୟତା ପାଇଲା । ବର୍ତ୍ତମାନ ଭୁବନ ଏନ୍.ଏ.ସି. ର ୧୫ ଗୋଟି ୱାର୍ଡସହ - ୨୬,୦୦୦ ଭୋଟର ଓ ୫୦,୦୦୦ ଜନସଂଖ୍ୟା । ଭୁବନର ଅର୍ଦ୍ଧାଧିକ ଲୋକ କାପୁଡିଆ ସମ୍ପ୍ରଦାୟର । ବଳଭଦ୍ର ଜୀଉ ଏ ଜାତିର ଇଷ୍ଟ ଦେବତା । ରାକ୍ଷୀପୂର୍ଣ୍ଣିମା ପର୍ବ ।

ଏ ଜାତିର ବହୁ ପ୍ରତିଷ୍ଠିତ ବ୍ୟକ୍ତି ସମାଜରେ ପଦପଦବୀ ପ୍ରାପ୍ତ । ଭୁବନ ଗାଁର ପ୍ରଥମ ସରପଞ୍ଚ - ମାଗୁଣି ବେହେରା - ଏ ଜାତିର କୋଠାଘର ବେହେରା ସାହିରେ ନିର୍ମାଣ କରିଥିଲେ । ମଧୁସୂଦନ ବିହାରୀ, ବାସୁଦେବ ବେହେରା, ରାମଚନ୍ଦ୍ର ଦାସ, ସପନି ଦାସ, କାଠିଚରଣ ନାୟକ, ପ୍ରସନ୍ନ ପୃଷ୍ଟି, ଦୁର୍ଯ୍ୟୋଧନ ରାଉତ, ଦିଲ୍ଲୀପ ଦାସ ପ୍ରମୁଖ ନେତୃତ୍ୱ ନେଉଥିଲେ । ରାମଚନ୍ଦ୍ର ଜଣେ ସଦସ୍ୟ

ଭାବରେ କାର୍ଯ୍ୟ କରଥିଲେ ।

ପୂର୍ବ ପୁରୁଷମାନେ - ଜମି, ଘରଡିହ ପଟ୍ଟାରେ କପଡିଆ ଲେଖିଛନ୍ତି । ବାସ୍ତବରେ ଏହା କପଡିଆ ନୁହେଁ କାପୁଡିଆ ଜାତି ।

**ମୃଦଙ୍ଗା - ମହୁଲପାଳ ସାପ୍ତାହିକ ହାଟ -**

ଭୁବନ ଅଞ୍ଚଳର ଏକ ପ୍ରମୁଖ ବାଣିଜ୍ୟିକ ସାପ୍ତାହିକ ହାଟ ମୃଦଙ୍ଗା - ମହୁଲପାଳ । ଏହା ସମଗ୍ର ଭୁବନ ଏନ୍.ଏ.ସି. ଓ ବ୍ଲକ୍ ଅଞ୍ଚଳରେ ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର । ଏ ସଂସ୍ଥା ଏକ ସାମାଜିକ ସଂସ୍ଥା । ଏ ସଂସ୍ଥାରେ ରାମଚନ୍ଦ୍ର ସଦସ୍ୟ ହୋଇ ହାଟ ନିଲାମୀରେ ପ୍ରମୁଖ ଭୂମିକା ନେଇଥିଲେ । ସଦ୍ୟସଦ୍ୟ ପନିପରିବା ସହ ବିଭିନ୍ନ ପ୍ରକାରର ରବି ଜାତୀୟ ଖାଦ୍ୟ ଏଠାରେ ମିଳିଥାଏ, ଲୋକମାନେ ଯେହେତୁ ସପ୍ତାହକୁ ଥରେ, ତେଣୁ ଜିନିଷ କିଣିବାକୁ ପ୍ରବଳ ଭିଡ ହୋଇଥାଏ, ଏ ହାଟରେ ସବୁ ପ୍ରକାରର ଜିନିଷ ମିଳିଥାଏ ।

**ଭାରତ - ସୋଭିଏତ ରୁଷ୍ ସାଂସ୍କୃତି ସଂଗଠନ -**

ଏହା ଏକ ଆନ୍ତର୍ଜାତୀୟ ସଂଗଠନ, ଆମ ଭାରତରାଷ୍ଟ୍ର ତଥା ଓଡିଶା ପ୍ରଦେଶରେ ଏହାର ସଂଗଠନ ପରିବ୍ୟାପ୍ତ ହୋଇଥିଲା ଅଶୀ ଦଶକରେ କ୍ରମେ ଭୁବନରେ ଏହା ହୋଇଥିଲା । ଏକ ପତ୍ରିକା ମାଧ୍ୟମରେ - ଭାରତ ଓ ସୋଭିଏତ ରୁଷ୍ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ପତ୍ରିକା ମାଧ୍ୟମରେ ପ୍ରକାଶିତ ହୋଇ (ବିଭିନ୍ନ ଆଞ୍ଚଳିକ ଭାଷା)ରେ ଲୋକମାନଙ୍କ ମଧ୍ୟରେ ଏକ ସଚେତନତା ସହ ଭାତୃତ୍ୱ ଭାବ ଜାଗ୍ରତ କରାଯାଉଥିଲା । ରାମଚନ୍ଦ୍ର ଏଭଳି ଏକ ସଂଗଠନର ସଦସ୍ୟ ହୋଇ ପତ୍ରିକା ତାଙ୍କ ପାଖକୁ ଡାକଯୋଗେ ଆସୁଥିଲା । ଏହାକୁ ପାଠକରି ସେ ଦୁଇଦେଶ ମଧ୍ୟରେ ସମ୍ପର୍କର ସ୍ଥିତିକୁ ଜାଣି ପାରୁଥିଲେ ।

**ଭୁବନ ନାଗରିକ କମିଟି -**

ବିଧାୟକ ପ୍ରସନ୍ନ ପଟ୍ଟନାୟକ ଙ୍କ ସଂପୂର୍ଣ୍ଣ ସହଯୋଗରେ - ଭୁବନ ନାଗରିକ କମିଟି ୧୯୮୦ ମସିହାରେ ସ୍ୱୀକୃତିପ୍ରାପ୍ତ । ଭୁବନର ପ୍ରତିଷ୍ଠିତ ବ୍ୟକ୍ତିଗଣ ଏହି କମିଟିରେ ସଭ୍ୟ ଭାବରେ କାର୍ଯ୍ୟକରି ଭୁବନର ସାମଗ୍ରୀକ ଜନକଲ୍ୟାଣ ମୂଳକ କାର୍ଯ୍ୟରେ ଏହି ସଂଗଠନର ପ୍ରମୁଖ ଭୂମିକା ଥିଲା । ସାହି

ସାହି ମଧ୍ୟରେ ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା, ସମସ୍ତ ରାସ୍ତାଘାଟ ନିର୍ମାଣ ଓ ରକ୍ଷଣାବେକ୍ଷଣ ଭୁବନରେ ନୂତନ ନୂତନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇ ପ୍ରମୁଖ କାର୍ଯ୍ୟାବଳୀରେ ସ୍ଥାନୀତ ହେଉଥିଲା । ଏହାର ସଭାପତି ଥିଲେ - ରାମକୃଷ୍ଣ ପୋଥାଳ ଓ ଏହାର ଉପସଭାପତି - ରାମଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ ପଦପଦବୀ ସହ ସଦସ୍ୟମାନଙ୍କୁ ନେଇ ଏହି କମିଟି ସକ୍ରିୟ ଥିଲା ।

**ଆଦିତ୍ୟ ବାହିନୀ - ଭୁବନ -**

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଦୁଇ ତୃତୀୟାଂଶ ଜନତା ହିନ୍ଦୁ । ଆମ ହିନ୍ଦୁ ସମାଜର ଚାରିଧାମ ମଧ୍ୟରେ - ଓଡିଶାର ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଜଗନ୍ନାଥ ଧାମ ବିରାଜମାନ, ଏଠିକାର ହିନ୍ଦୁ ଧର୍ମର ସନ୍ଥ - ପୁରୀ ଶଙ୍କରାଚାର୍ଯ୍ୟ, ଗୋବର୍ଦ୍ଧନ ମଠ - ଏ ସମସ୍ତ ଧର୍ମାନୁସଦସ୍ୟଙ୍କୁ ନେଇ ଆଦିତ୍ୟ ବାହିନୀ । ଏହା ଭୁବନରେ ଗଠନ ହେବା ସମୟରେ ରାମଚନ୍ଦ୍ର ଜଣେ ପ୍ରମୁଖ ସକ୍ରିୟ ସଦସ୍ୟ ଭାବରେ କାର୍ଯ୍ୟରତ ।

ଭୁବନ ଅଞ୍ଚଳର ଉଦୀୟମାନ ଯୁବଶକ୍ତି ପଣ୍ଡିତ ମାତୃପ୍ରସାଦ ମିଶ୍ର - ଆଦିତ୍ୟ ବାହିନୀ - ଗୋବର୍ଦ୍ଧନ ପୀଠର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟକରି ଭୁବନର ଗୌରବକୁ ବୃଦ୍ଧି କରାଇ ପାରିଛନ୍ତି ।

**ଭୁବନ ଦେଶ ସଂଗଠନ -**

ଭୁବନ ଏସିଆ ମହାଦେଶର ସର୍ବବୃହତ ଗାଁ, ପରବର୍ତ୍ତୀ ପର୍ଯ୍ୟାୟରେ ସହରର ମାନ୍ୟତାପ୍ରାପ୍ତ । ଏଠାକାର ଜନପ୍ରତିନିଧି ମୂଳକ ସ୍ଥାନୀୟ ସରକାର ରହିଥିଲେ ମଧ୍ୟ - ଭୁବନ ଦେଶ ସଂଗଠନ - ଭୁବନର ଏକ ପ୍ରମୁଖ ସଂଗଠନ । ଭୁବନର ପ୍ରତିଷ୍ଠିତ ବରିଷ୍ଠ ଲୋକମାନଙ୍କୁ ନେଇ ଦେଶ ସଂଗଠନ ଗଠନ କରାଯାଇଅଛି । ଏହାର କାର୍ଯ୍ୟଧାରାରେ - ଭୁବନର ସର୍ବାଙ୍ଗ ବିକାଶ ଅନ୍ତର୍ଭୁକ୍ତ ଅଟେ ।

ଭୁବନର ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ମିଶ୍ର - ଭୁବନ ଦେଶ ସଂଗଠନର ବହୁବର୍ଷ ଧରି ସଭାପତି ଭାବରେ କାର୍ଯ୍ୟ କରିଛନ୍ତି । ରାମଚନ୍ଦ୍ର ଏହି ସଂଗଠନର ଏକ ପ୍ରମୁଖ ସଦସ୍ୟ ଭାବରେ କାର୍ଯ୍ୟରତ ।

ବର୍ତ୍ତମାନ ଏ ଭୁବନ ଦେଶ ସଂଗଠନ ବଦଳରେ ଭୁବନ ସହର ସଂଗଠନ ରହିଅଛି । ବାସୁଦେବ ବେହେରା (ବୁଲା) ଏହାର ସଭାପତି ଭାବରେ କାର୍ଯ୍ୟରତ ।

**ବଡହାଟ ମଉଡ଼ମଣି ମହାଲକ୍ଷ୍ମୀ କମିଟି -**

ଭୁବନର ଏକ ଅଗ୍ରଣୀ ପୂଜା କମିଟି - ବଡହାଟ ମଉଡ଼ମଣି ମହାଲକ୍ଷ୍ମୀ କମିଟି । ଏ ଅଞ୍ଚଳରେ ସର୍ବପ୍ରଥମେ ଲକ୍ଷ୍ମୀପୂଜା ହେଇଥିବାରୁ ମଉଡ଼ମଣି ଆଖ୍ୟା ପାଇଛନ୍ତି - ଭୁଲୁ ସାହୁ ଏହାର ଉଦ୍ୟୋକ୍ତା । କାଳକ୍ରମେ ସୁରେନ୍ଦ୍ର ସାହୁ, ମଙ୍ଗୁଳି ସାହୁ, ପଦ୍ମନାଭ ବେହେରା, ଭାଗବତ ନାୟକ, ବାସୁଦେବ ବେହେରା, ମାୟାଧର ଗୁରୁ, ବିପିନ୍ ବିହାରୀ ସେଠୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । "ମହାଲକ୍ଷ୍ମୀ ମଉଡ଼ମଣି ଯୁବକ ସଂଘ" ନାମରେ ଏକ ସାମାଜିକ ଅନୁଷ୍ଠାନ । ଅନୁଷ୍ଠାନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଗଠିତ କମିଟିରେ ଗୋପିନାଥ ମହାନ୍ତି - ସଭାପତି ଓ ରାମଚନ୍ଦ୍ର ନାୟକ - ଉପସଭାପତି ସହ ସଦସ୍ୟମାନେ କାର୍ଯ୍ୟ କରିଥିଲେ । ମହାଲକ୍ଷ୍ମୀ ଭସାଣୀରେ ପୂର୍ବେ ଷଣ୍ଢ ଲଢେଇ (କୁଲାର ମୁଣ୍ଡ)ରେ ହେଉଥିଲା - ଏହା ସହିତ ବାଦ୍ୟ ଓ ନାଚରେ ମା' ଲକ୍ଷ୍ମୀଙ୍କ ଭସାଣୀ କରାଯାଉଥିଲା । ବିଶ୍ୱନାଥ ଅଗ୍ରୱାଲା, ରାମଚନ୍ଦ୍ର ପ୍ରମୁଖ ଷଣ୍ଢକୁ ଧରି ଲଢେଇ କରାଉଥିଲେ ।

**ଭୁବନ ସେବା ସମବାୟ ସମିତି ଲିଃ -**

ଓଡିଶା ସରକାରଙ୍କ ସମବାୟ ସମିତି ଏକ ସରକାରୀ ସଂସ୍ଥା । ଏହି ସଂସ୍ଥାରେ ପ୍ରତ୍ୟେକ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ବିଶେଷତଃ ଚାଷୀ ଭାଇମାନେ (କୃଷକ) ଏହି ସଂସ୍ଥାର ସଦସ୍ୟ (ଏହାର ଅନ୍ୟନାମ ଗୋଲା) - ଏଠାରେ ଏକ ମିନି ବ୍ୟାଙ୍କ କାର୍ଯ୍ୟକରେ । ରାମଚନ୍ଦ୍ର ଜଣେ କୃଷକ ଭାବରେ ଏହାର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟରତ । ବିଭିନ୍ନ ୱାର୍ଡର ସଦସ୍ୟମାନେ ଭୋଟଦେଇ ଡାଇରେକ୍ଟର ଓ ସଭାପତି ନିର୍ବାଚନ କରାଇଥାନ୍ତି ।

**ଭୁବନ ଆଞ୍ଚଳିକ ବିକାଶ ପରିଷଦ -**

ଭୁବନ ଅଞ୍ଚଳର ଏହା ଏକ ସର୍ବବୃହତ ସାମାଜିକ ସଂଗଠନ । ସମଗ୍ର ଭୁବନ ବ୍ଲକ୍‌ର ୧୭ ଗୋଟି ଗ୍ରାମପଞ୍ଚାୟତ ଓ ଭୁବନ ଏନ୍.ଏ.ସି. ର

୧୫ ଗୋଟି ୱାର୍ଡକୁ ନେଇ ଏହା ଗଠିତ । ଦଳ, ମତ ନିର୍ବିଶେଷରେ ପ୍ରତ୍ୟେକ ରାଜନୈତିକ ଦଳର ନେତୃବୃନ୍ଦ ଅଣ ରାଜନୈତିକ ସାମାଜିକ ସଂଗଠନର ନେତୃମଣ୍ଡଳୀ, ବୁଦ୍ଧିଜୀବୀ, ଯୁବ, ଛାତ୍ର, ମହିଳା, କୃଷକ ଆଦିର ବିଭିନ୍ନ ବର୍ଗର ପ୍ରତିନିଧି ଭାବରେ ଏହି ସଂଗଠନରେ ସାମିଲଥାନ୍ତି । ବିଭିନ୍ନ ବଜାର କମିଟିର କର୍ମକର୍ତ୍ତା, ବିଭିନ୍ନ ଆସୋସିଏସନ୍‌ର ସଦସ୍ୟ ମଣ୍ଡଳୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥାନ୍ତି । ଏହି ସଂଗଠନର ବର୍ଷିୟାନ ନେତା - ପୂର୍ବତନ ସରପଞ୍ଚ, ବରିଷ୍ଠ କଂଗ୍ରେସ ନେତା ସୁକଦେବ ରାଉତ - ଏହାର ସଭାପତି ଭାବରେ ନେତୃତ୍ୱ ନେଇଥାଆନ୍ତି, ଏଥିରେ ଆଡଭୋକେଟ୍ - ଅଲେଖ ଚନ୍ଦ୍ର ତ୍ରିପାଠୀ, ବ୍ଲକ୍ ଚେୟାରମ୍ୟାନ - ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, କାଳିନ୍ଦୀ କଅଁର, ପୂର୍ବତନ ନଗରପାଳ - ନରହରି ସାହୁ, ଯୁଧିଷ୍ଠିର ସାହୁ, ଜଗନ୍ନାଥ ଗୁରୁ, ବାସୁଦେବ ବେହେରା, ଶିବରାମ ସାହୁ, ନନ୍ଦକିଶୋର ସାହୁ, କିଶୋର ଅଗ୍ରୱାଲା, ଦୁର୍ଯ୍ୟୋଧନ ରାଉତ, ମାୟାଧର ପଣ୍ଡା, ପ୍ରକାଶ କଅଁର, ନବକିଶୋର ଗୁରୁ, ରାମଚନ୍ଦ୍ର ନାୟକ ପ୍ରମୁଖ ସଦସ୍ୟ ଭାବରେ ସକ୍ରିୟ ସହଯୋଗ ଭୁବନର ବିକାଶ ଦିଗରେ ସହାୟକ ହୋଇପାରିଅଛି ।

ଏହାର ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ - ୨୦୦୯ ମସିହାରେ ଭାରତର ନିର୍ବାଚନ କମିଶନର - ନିର୍ବାଚନ ମଣ୍ଡଳୀ (ଲୋକସଭା / ବିଧାନସଭା) ସୀମା ପୁନଃ ନିର୍ଦ୍ଧାରଣରେ ଆମ ଭୁବନ ଏନ୍.ଏ.ସି. ଓ ବ୍ଲକ୍, ଗଁଦିଆ ସହିତ ମିଶିକରି - ଗଁଦିଆ ନିର୍ବାଚନ ମଣ୍ଡଳୀରେ ଚିଠା ପ୍ରସ୍ତାବ ପ୍ରକାଶିତ ହୋଇଥିଲା । ଭୁବନ ଆଞ୍ଚଳିକ ବିକାଶ ପରିଷଦର ଡାକରାରେ ସମଗ୍ର ଭୁବନବାସୀ ଆନ୍ଦୋଳନାତ୍ମକ ମାଧ୍ୟମରେ ଏକତ୍ରିତ ହୋଇ ଭୁବନକୁ ଏକ ନିର୍ବାଚନ ମଣ୍ଡଳୀ (ବିଧାନସଭା) ଘୋଷଣା ଦାବିଦ୍ୱାରା ସରକାର ପରିଶେଷରେ ଚାପରେ - ପୂର୍ବବର୍ତ୍ତୀ ଭୁବନକୁ କାମାକ୍ଷାନଗର ବିଧାନସଭା କ୍ଷେତ୍ର ମଧ୍ୟରେ ରଖିବାକୁ ନିଷ୍ପତ୍ତି ନେଇଥିଲେ ।

ଭୁବନ ଦେଇ ଯାଇଥିବା ଜାତୀୟ ରାଜପଥକୁ ୪ ଲେନ୍ କରିବା ସହ ରାସ୍ତା ପୂର୍ଣ୍ଣ ନିର୍ମାଣ ଓ ବାଇପାସ୍ ନିର୍ମାଣକୁ ନେଇ ଭୁବନର ଅଖଚକ ବନ୍ଦ ଡାକରା ସଫଳ ହୋଇଥିଲା । ରାମଚନ୍ଦ୍ର ନାୟକ ଙ୍କ ପୁତ୍ର ଡକ୍ଟର ସୁବାଷ ନାୟକ

ଓ ଅନ୍ୟାନ୍ୟ ଭରସେସ୍ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସମ୍ବନ୍ଧୀୟ - ଭୁବନର ପୁଅ ଆଡଭୋକେଟ୍ ମନୋଜ ମିଶ୍ରଙ୍କ ଅଦାଲତରେ - ଓଡିଶା ହାଇକୋର୍ଟରେ ଏକ କେସ୍ WP(C)-16708/2010 ଦାୟର ହୋଇଥିଲା ଓ ପରେ ଭାରତ ସରକାର ଏହାକୁ ବିଚାରକୁ ନେଇ କାର୍ଯ୍ୟ କରିଥିଲେ

ଭୁବନର ରେଳପଥର ବିକାଶ ଓ ଷ୍ଟେସନ ପାଇଁ କାର୍ଯ୍ୟକ୍ରମ, ମାତ୍ର କିଛି ନେତାଙ୍କ ବ୍ୟକ୍ତିଗତ ସ୍ୱାର୍ଥପାଇଁ ସୁକିନ୍ଦା - ଡୁବୁରୀ - ଅନୁଗୁଳ ରେଳପଥ - ଭୁବନର ଚଣ୍ଡିକ ପାଖରେ ଷ୍ଟେସନ ନହୋଇ - ଭୁବନ ବ୍ଲକ୍‌ର ବାଲିଝାଟିରେ ଷ୍ଟେସନ ହୋଇଥିଲା ।

ରାଜନୈତିକ ମତଭେଦ କ୍ରମେ ବର୍ତ୍ତମାନ - ଏ ସଂଗଠନଟି ଦୁର୍ବଳ ହୋଇଥିବା ପରିଲିଖିତ ହୋଇଅଛି । ଭୁବନ ବ୍ଲକ୍ ଓ ଭୁବନ ଏନ୍.ଏ.ସି. କୁ ନେଇ ଭୁବନ ସବ୍‌ଡିଭିଜନ ଘୋଷଣା ଦାବିକୁ ସରକାରଙ୍କ ସକ୍ରିୟ ବିଚାରଧିନ ଅଛି ।

**ଭୁବନ ଆଞ୍ଚଳିକ ସେବା ସଂଗଠନ -**

ଭୁବନ ଏନ୍.ଏ.ସି. ର ସର୍ବାଙ୍ଗୀନ ବିକାଶ କରିବାପାଇଁ ଭୁବନର ବିଶିଷ୍ଟ ଶିଳ୍ପପତି - ବାଙ୍କନିଧି ବିହାରୀଙ୍କ ସଭାପତିତ୍ୱରେ ଏହି ସଂଗଠନଟି ପ୍ରତିଷ୍ଠା କରାଯାଇଥିଲା । ଭୁବନ ଅଞ୍ଚଳରେ ରାସ୍ତାଘାଟ ଉନ୍ନତି, ବିଦ୍ୟାଳୟର ଉନ୍ନତି, ପର୍ବପର୍ବାଣୀ ମଧ୍ୟରେ ଭାଇଚାରା ସୃଷ୍ଟି ଆଦି ଏହାର ମୂଳ ଉଦ୍ଦେଶ୍ୟ ଥିଲା - କିଶୋର ଅଗ୍ରୱାଲା, ରାମକୃଷ୍ଣ ପୋଥାଳ, ରାମଚନ୍ଦ୍ର ବିହାରୀ, କାଠିଚରଣ ନାୟକ, କୁଞ୍ଜବିହାରୀ ଚିନରା, ଦୁର୍ଯ୍ୟୋଧନ ପୋଥାଳ, ଦୁର୍ଯ୍ୟୋଧନ ରାଉତ, ନାଗେଶ୍ୱର ସାହୁ, ରାମଚନ୍ଦ୍ର ନାୟକ ପ୍ରମୁଖ ଏହାର ସକ୍ରିୟ ସଦସ୍ୟ ରହି ସଂଗଠନ ମାଧ୍ୟମରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିପାରୁଥିଲେ ।

**ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତି ଲିଃ -**

ଓଡିଶା ସରକାରଙ୍କ ଶିଳ୍ପ ବିଭାଗ ଓ ସମବାୟ ବିଭାଗର ମିଳିତ - ଏକ ସରକାରୀ ସଂସ୍ଥା - ଏହି ସମବାୟ ସମିତିଟି । ଏହି ସଂସ୍ଥାର ରେଜିଷ୍ଟ୍ରେସନ ନମ୍ବର - 252/VI/1979/12.3.79. ଜଏଣ୍ଟ - ରେଜିଷ୍ଟ୍ରର - କୋ -

ଅପରେଟିଭ୍ ସୋସାଇଟ୍ ଆକ୍ଟ - ୨ / ୧୯୬୩ (ଓଡ଼ିଆ ଖଦୀ ଓ ଭିଲେଜ୍ ଇଣ୍ଡଷ୍ଟ୍ରିଜ୍ ବୋର୍ଡ) । ଏହି ସମିତି ଗଠନ କରିବାରେ ଶିଳ୍ପୀ ରାମଚନ୍ଦ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା । ସେ ଏହାର ଡାଇରେକ୍ଟର ଭାବରେ ନିର୍ବାଚିତ ହୋଇ ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ, ମାତ୍ର ସଭାପତି ଭାବରେ ଭଗବାନ ଗୁରୁ ନିର୍ବାଚିତ ହୋଇଥିଲେ ।

ପରବର୍ତ୍ତୀ ସମୟରେ ୨୦୦୩ ମସିହାରେ ବିଜେଡି + ବିଜେପି ମେଣ୍ଟ ସରକାରରେ - ରାମଚନ୍ଦ୍ର ନାୟକ - ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତିର ଅପ୍ରତିଦ୍ୱନ୍ଦୀ - ସଭାପତି ଭାବରେ ନିର୍ବାଚିତ ହୋଇଥିଲେ, ତାଙ୍କ ସହିତ ୧୧ ଜଣ ଡାଇରେକ୍ଟର ଭାବରେ ନିର୍ବାଚିତ ହୋଇଥିଲେ - ୭.୧.୨୦୦୩ ପତ୍ରାନୁଯାୟୀ ଭୁବନ ଶିଳ୍ପ ବିକାଶ ଅଧିକାରୀ (ଆଇପିଓ)ଙ୍କ ଦ୍ୱାରା ପ୍ରେରିତ ଅଟେ ।

ଏହି ସମୟରେ କାରିଗରଙ୍କ ଅନେକ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା କରାଯାଇଥିଲା । ସୌର ଲଣ୍ଠନ, କାରିଗରଙ୍କ ଶାଳଘର ପାଇଁ ଆର୍ଥିକ ପ୍ରଦାନ ଓ କାରିଗରଙ୍କ ପେନ୍‌ସନ୍ ଓଡିଶା ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା ।

ଶିଳ୍ପୀ ରାମଚନ୍ଦ୍ର ନାୟକ - ପ୍ରୋପାଇଟର - ଶ୍ରୀରାମ ଫର୍ଣ୍ଣିଚର ଭାବରେ - ଆନ୍‌ସୋଲାରୀ ସେମିନାର ଓ ସେଲର କନ୍‌ଫରେନ୍ସରେ ଅନୁଗୁଳ ଠାରେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ କ୍ଷୁଦ୍ରଶିଳ୍ପ ସେବା ପ୍ରତିଷ୍ଠାନ ପ୍ରଦତ୍ତ ପତ୍ର ସଂଖ୍ୟା - 4744-5043/T-23(5)/1985/ANC/ 13.07.1987 ରିଖନୁଯାୟୀ ।

**ମା' ବଣଚଣ୍ଡୀ କମିଟି -**

ଭୁବନ ସହରର ଅନତି ଦୂରରେ ( ୨ କି.ମି. ଦୂରରେ) ମା' ବଣଚଣ୍ଡୀ ମନ୍ଦିର । କମାମାଣି ଜାତିର ନୈଷ୍ଠିକ ବ୍ରାହ୍ମଣ - ଅସ୍ଥାୟୀ ଭାବରେ ସେଠାରେ ରହି ମା' ଚଣ୍ଡୀଙ୍କୁ ପୂଜା କରିଥିଲେ । ଭୁବନର ଉଦୀୟମାନ ଯୁବକମାନେ ନାରାୟଣ ପୃଷ୍ଟିଙ୍କ ସଭାପତିତ୍ୱରେ - କବୀର ଖାଁ, ବାଉରୀବନ୍ଧୁ ପୃଷ୍ଟି, କୁଶ ବିଶ୍ୱକର୍ମ, ରାମଚନ୍ଦ୍ର ନାୟକ ପ୍ରମୁଖ ସଦସ୍ୟ ତଥା ହରି ବେହେରା - ସମ୍ପାଦକ

ରହିଥିଲେ । ମା' ଚଣ୍ଡୀ ଏକ ଚାଳଘରେ ପୂଜା ପାଉଥିଲେ, ପରେ ଛାତଘରରେ ମନ୍ଦିରରେ ମା' ପୂଜା ପାଉଛନ୍ତି । ଭର୍ତ୍ତି ପାହାଡର ପାଦଦେଶରେ ମକର ସଂକ୍ରାନ୍ତିରେ ମକର ମେଳା ପାଳନ ହୁଏ, ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ ହୋଇଥାଏ । ଭୁବନର ଜନସାଧାରଣ - ଏହି ମକରଯାତ୍ରାର ମା'ଙ୍କର ସାନ୍ନିଧ ଲାଭ କରିଥାନ୍ତି ।

**ବାବା ବୁଢ଼େଶ୍ୱର ଜୀ କମିଟି -**

ଭୁବନ ଅଞ୍ଚଳ କାହିଁକି ସମଗ୍ର ଓଡିଶାରେ ଭୁବନର ଆରାଧ୍ୟ ଦେବତା ପାତାଳଫୁଟି ଶିବ ବାବା ବୁଢ଼େଶ୍ୱର ବିରାଜମାନ କରିଅଛନ୍ତି, ସେ ପ୍ରତ୍ୟକ୍ଷ ଠାକୁର ଅଟନ୍ତି । ଭଗତ ଗୁରୁଙ୍କ ନେତୃତ୍ୱରେ - ଅନେକ ଉତ୍ସାହୀ ଯୁବକ ମନ୍ଦିର ପରିଚାଳନା କମିଟିର ସଭ୍ୟ ଭାବରେ କାର୍ଯ୍ୟ କରନ୍ତି, ସେଥିମଧ୍ୟରୁ ରାମଚନ୍ଦ୍ର ନାୟକ ଅନ୍ୟତମ । ୧୯୮୫ ମସିହାରେ ଶିବ ମନ୍ଦିର ନିକଟରେ - ମା' ପାର୍ବତୀଙ୍କ ମନ୍ଦିର ନିର୍ମାଣରେ ଏହି କମିଟିର କାର୍ଯ୍ୟ ପ୍ରଶଂସନୀୟ ଅଟେ ।

ପୁନଶ୍ଚ ଓଡିଶା ସରକାର - ଏହାକୁ ଏକ ପର୍ଯ୍ୟଟନର ମାନ୍ୟତା ପ୍ରଦାନ କରିଥିଲେ, ଏହି ସମୟରେ - ପରିଚାଳନା କମିଟିର ସଭାପତି - ଈଶ୍ୱରପ୍ରସାଦ ଅଗ୍ରୱାଲା ଓ ସଦସ୍ୟ ମାନଙ୍କର କାର୍ଯ୍ୟ ପ୍ରଶଂସନୀୟ ଅଟେ ।

ଏହାପରେ ଓଡିଶା ସରକାରଙ୍କ ଢେଙ୍କାନାଳ ଦେବତର ଅଧିକାରୀଙ୍କ ପତ୍ର ସଂଖ୍ୟା -୨୦/୧୫/୦୧/୨୦୧୩ ରିଖନୁଯାୟୀ ଏକ ଟ୍ରଷ୍ଟ - ପ୍ରସନ୍ନ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ବାଳକୃଷ୍ଣ ସାହୁ, ଶ୍ରୀଧର ବେହେରା, ସନାତନ ସାହୁ, କୋଦଣ୍ଡଧର ସାହୁ, ନରହରି ସାହୁ, କୁଞ୍ଜବିହାରୀ ଚିନରା, ଈଶ୍ୱରପ୍ରସାଦ ଅଗ୍ରୱାଲା, ପଦ୍ମନାଭ ବେହେରା, ସୁରେନ୍ଦ୍ର ପୃଷ୍ଟି, ଶିବରାମ ସାହୁ, ଚୈତନ୍ୟ ପୃଷ୍ଟି, ଭଗବାନ ଗୁରୁ, ରାମଚନ୍ଦ୍ର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳନା କମିଟି ଗଠନ କରାଗଲା । ଏହି କମିଟିର କାର୍ଯ୍ୟକାଳ ସରିଗଲା ପରେ ଅନ୍ୟଏକ କମିଟି ନନ୍ଦକିଶୋର ସାହୁଙ୍କ ସଭାପତିତ୍ୱରେ ରାମଚନ୍ଦ୍ର ନାୟକ ସଦସ୍ୟ ଭାବରେ ଅଧୁନା କାର୍ଯ୍ୟରତ ।

ପରିଚାଳନା କମିଟି - ମହାଦେବଙ୍କର ଦୈନନ୍ଦିନ ନୀତିକାନ୍ତି, ପର୍ବପର୍ବାଣୀ, ଜମିଜମା, ସ୍ଥାବର, ଅସ୍ଥାବର ସମ୍ପତ୍ତିର ସୁରକ୍ଷା ଓ ସୁବିନିଯୋଗ

ସହ ମନ୍ଦିରର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରଥାଆନ୍ତି । ବାବା ବୁଦ୍ଧେଶ୍ୱରଙ୍କ ଅପାର କରୁଣାରୁ - ପଞ୍ଚୁକ ପାଞ୍ଚଦିନ ସହ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା, ବଡଓଷା ଆଦି ପ୍ରମୁଖ ଭାବରେ ଏଠାରେ ପରିଗଣିତ ।

**ବାଜିରାଉତ କଲେଜ - ଗଭର୍ନିଙ୍ଗ ବଡି -**

ଭୁବନ ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଅଟେ । ୩୬ ପାଟକର ପାଖାପାଖି ୫୦ ହଜାର ଜନସଂଖ୍ୟାକୁ ନେଇ ୧୯୭୨ ମସିହାରୁ ଭୁବନ (ଏନ୍.ଏ.ସି.) ସହରର ମାନ୍ୟତାପ୍ରାପ୍ତ । ଭୁବନ ବ୍ଲକ୍ ୧୭ ଗୋଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ । ଏକଲକ୍ଷ ଜନସଂଖ୍ୟା - ଭୁବନ ବ୍ଲକ୍‌ର ।

ଭାରତୀୟ ମୁକ୍ତି ସଂଗ୍ରାମରେ ସର୍ବକନିଷ୍ଠ କିଶୋର ଶହୀଦ୍ ନୀଳକଣ୍ଠପୁର ର ବାରବର୍ଷର ବାଳକ - ବାଜିରାଉତ - ଭୁବନର ପ୍ରଜାମଣ୍ଡଳର ହୁକୁମରେ ଇଂରେଜମାନଙ୍କୁ ବ୍ରାହ୍ମଣୀ ନଦୀ ପାରକରି ଦେଇ ନଥିବାର ଦୁର୍ବାର ସାହସ ଇଂରେଜମାନଙ୍କ ଗୁଳିରେ ଟଳିପଡିଲା ୧୧ ଅକ୍ଟୋବର, ୧୯୩୮ ।

ତା'ର ସ୍ମୃତିକୁ ଉଜାଗିତ କରିବାପାଇଁ ୧୯୭୬ ଜୁଲାଇ, ୯ ତାରିଖରେ - ଭୁବନରେ ପ୍ରତିଷ୍ଠ ହେଲା - ବାଜିରାଉତ ମେମୋରିଆଲ କଲେଜ । +୨ ଓ +୩ ସ୍ନାତକ (କଳା, ବିଜ୍ଞାନ, ବାଣିଜ୍ୟର) ଏକ ପରିପୂର୍ଣ୍ଣ - ସରକାରୀ ସଂପୂର୍ଣ୍ଣ ସାହାଯ୍ୟପ୍ରାପ୍ତ କଲେଜ

ଭୁବନର ବହୁ ଶିକ୍ଷାବିତ୍, ଯୁବପ୍ରେମୀ ମାନଙ୍କର ଉଦ୍ୟମରେ ଏ କଲେଜ, ଆମ ଭୁବନ ଅଞ୍ଚଳ କାହିଁକି ସମଗ୍ର ଢେଙ୍କାନାଳ ଜିଲ୍ଲାର ଏକ ଅଗ୍ରଣୀ କଲେଜ ଭାବରେ ପରିଗଣିତ ।

ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ତଥା ଭାରତ ସରକାରଙ୍କ - ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମାନୁଯାୟୀ କଲେଜର ଏକ ପରିଚାଳନା କମିଟି ରହିଥାଏ । କେତେବେଳେ ସ୍ଥାନୀୟ ବିଧାୟକ କିମ୍ବା ଉପଜିଲ୍ଲାପାଳ - ସଭାପତି ରହିଥାନ୍ତି । ସ୍ଥାନୀୟ ଲୋକସଭା ସାଂସଦଙ୍କର ନୋମିନୀ କଲେଜ ଗଭର୍ନିଙ୍ଗ ବଡିର ସଭ୍ୟ ଥାଆନ୍ତି ।

୧୯୮୮ ମସିହାରେ କେନ୍ଦ୍ରରେ ବିଜେପି ଓ ବିଜେଡିର ମିଳିତ ସରକାର

- ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ - ଢେଙ୍କାନାଳ ଲୋକସଭାରୁ ସାଂସଦ ବିଜେଡିର ତଥାଗତ ଶତପଥି । ଭୁବନର ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ନାୟକ ଙ୍କୁ ଏମ୍.ପି. ନୋମିନୀ କରିଥିଲେ - କଲେଜ ଜି.ବି. ରେ । କାମାକ୍ଷାନଗର ବିଧାୟକ ପ୍ରେମଲତା ମହାପାତ୍ର - ସଭାପତି, ବ୍ଲକ୍ ଚେୟାରମ୍ୟାନ - ଶତ୍ରୁଘ୍ନ ଜେନା ସଦସ୍ୟ, ଅନେକ ସଦସ୍ୟଙ୍କ ସହଯୋଗରେ କଲେଜରେ ଉଚ୍ଚଶିକ୍ଷାରେ ବିକାଶ ସାଧିତ ହୋଇ ପାରିଅଛି ।

## ଭୁବନ ଦଶହରା ବଳଦଯାତ୍ରା ଶାନ୍ତି କମିଟି -

ଭୁବନ ଦଶହରା ବଳଦଯାତ୍ରା - ଭାରତୀୟ ସଂସ୍କୃତିର ଝଲକ । କେଉଁ ଆଦିମ କାଳରୁ ଭୁବନର ଥୋରିଆ ପାଟକର ଲୋକମାନେ ବଳଦ ପିଠିରେ ଜିନିଷ ଲଦି - ସୁମିତ୍ରା, ଯାଭା, ମାଳଦ୍ୱୀପ ସହ ଅନେକ ରାଜ୍ୟରେ ବ୍ୟବସାୟ ବାଣିଜ୍ୟ କରିବାକୁ ଯାଉଥିଲା, ତା'ର ସ୍ମୃତିକୁ ମନେ ପକାଇବା ପାଇଁ ଆଶ୍ୱିନ ମାସରେ ଦଶହରା ଦୁଇଦିନ ପ୍ରଥମ ଦିନ - ଅନୁକୂଳ ଯାତ୍ରା ଓ ଦ୍ୱିତୀୟ ଦିନ - ଦେବୀ ଦୁର୍ଗାଙ୍କ ଭସାଣି ଯାତ୍ରାରେ ବଳଦକୁ ସୁସଜ୍ଜିତ ଟାହିଆ, ପଲାଣରେ ସଜାଇ, ପକ୍ଷୀରେ ବିମାନକରି ଭୁବନ ସହର ପରିକ୍ରମା କରୁଥିଲେ । ବଳଦଯାତ୍ରା ଭୁବନର ଏକ ଗଣପର୍ବ ଅଟେ, ସମସ୍ତଙ୍କ ଘରେଘରେ ବନ୍ଧୁବାନ୍ଧବ ପରିପୂର୍ଣ୍ଣ ହୋଇଥାନ୍ତି । ଯାତ୍ରାକୁ ଭିଡରୁ ନିୟନ୍ତ୍ରଣ କରିବାପାଇଁ - ୧୯୯୨ ମସିହାରେ - ଭୁବନ ତହସିଲଦାରଙ୍କ ପତ୍ର ସଂଖ୍ୟା - ୩୪୯୨/ ତାରିଖ - ୦୭/୦୯/୧୯୯୨ ରିଖରେ କାମାକ୍ଷାନଗର ଉପଜିଲ୍ଲାପାଳ - ସଭାପତି ଭାବରେ - ଏକ ଶାନ୍ତି କମିଟି ଗଠନ କରାଗଲା । ବିଜେପିର ସଭାପତି ଭାବରେ ରାମଚନ୍ଦ୍ର ନାୟକ - ଶାନ୍ତି କମିଟିର ପ୍ରତିଷ୍ଠାତା ସଭ୍ୟ ଭାବରେ ଅଦ୍ୟାବଧି କାର୍ଯ୍ୟ କରୁଅଛନ୍ତି । ଏହି ଶାନ୍ତି କମିଟି ଏକ ସରକାରୀ ସ୍ତରୀୟ କମିଟି । ଏଥିରେ ଭୁବନର ବିଭିନ୍ନ ବର୍ଗର ପ୍ରତିନିଧି ସଭ୍ୟ ସହ ଦଶହରା ଓ ପୂଜା (ଦୁର୍ଗା) କମିଟିର ସଦସ୍ୟମାନେ ମଧ୍ୟ ସଭ୍ୟ ଭାବରେ କାର୍ଯ୍ୟ କରିଥାନ୍ତି । ସରକାରୀ ସଭ୍ୟ ଭାବରେ - ଭୁବନ ଡାକ୍ତରଖାନାର ମୁଖ୍ୟ ଡାକ୍ତର, କନିଷ୍ଠଯନ୍ତ୍ରୀ - ଜନ ସ୍ୱାସ୍ଥ୍ୟ ବିଭାଗ, ଭାରପ୍ରାପ୍ତ ଅଧିକାରୀ ଭୁବନ ଥାନା, ନିର୍ବାହୀ ଅଧିକାରୀ - ଭୁବନ ଏନ୍.ଏ.ସି., କନିଷ୍ଠଯନ୍ତ୍ରୀ

- ବିଦ୍ୟୁତ୍ ବୋର୍ଡ, ଭୁବନର ପଶୁ ଚକିତ୍ସା ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ଜଗନ୍ନାଥ ଗୁରୁ - ନଗରପାଳ - ଭୁବନ, ଭାଗବତ ନାୟକ, ରବିନ୍ଦ୍ର କୁମାର ଦାଶ, ରାମକୃଷ୍ଣ ପୋଥାଳ, ଘଷିରାମ ଅଗ୍ରୱାଲା, କୁଞ୍ଜବିହାରୀ ଚିନରା, ଗୋପାଳଚରଣ ରାଉଳ, ଗଙ୍ଗାଧର ରଣା, ସୁନାକର ସାହୁ, ଦୁର୍ଯ୍ୟୋଧନ ରାଉତ, ଜୟକୃଷ୍ଣ ବେହେରା, ରଘୁନାଥ ମିଶ୍ର, ନାଗେଶ୍ୱର ସାହୁ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶିବରାମ ସାହୁ, ଶ୍ରୀକାନ୍ତ କୁମାର ସାହୁ, କୋଦଣ୍ଡଧର ପାତ୍ର, ଅନନ୍ତଚରଣ ସାହୁ, ଖଗେଶ୍ୱର ସାହୁ, ଭଗବାନ ଗୁରୁ ପ୍ରମୁଖ ୨୯ ଜଣ ସଦସ୍ୟ ପ୍ରଥମ ଶାନ୍ତି କମିଟିର (୧୯୯୨)ର ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ - ବାସୁଦେବ ବେହେରା (ବୁଲା)ଙ୍କ ନେତୃତ୍ୱରେ ବଳଦ ସହର ପରିକ୍ରମାର ଜିଲ୍ଲାପାଳଙ୍କ ଠାରୁ ପରିମିଶନ ଆସୁଅଛି । ଉପଜିଲ୍ଲାପାଳଙ୍କ ସଭାପତିରେ ଶାନ୍ତି କମିଟି କାର୍ଯ୍ୟରତ । ଦଶହରା ବଳଦଯାତ୍ରା ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟ କରିବା ଶାନ୍ତି କମିଟିର ପ୍ରମୁଖ କାର୍ଯ୍ୟ ।

ଦ୍ୱିତୀୟ ଦଶହରା ଦିନ - ଭୁବନ ପାଲାମଣ୍ଡପ ଠାରେ ରାବଣପୋଡି - କ୍ରୀୟାନୁଷ୍ଠାନ କମିଟି ଦ୍ୱାରା ରାବଣପୋଡି ଅନୁଷ୍ଠିତ ହୋଇଥାଏ । ଓଡିଶାର ମନ୍ତ୍ରୀଗଣ, ଢେଙ୍କାନାଳ ଲୋକସଭା ସାଂସଦ, କାମାକ୍ଷାନଗର ବିଧାୟକ, ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବରେ ଯୋଗଦାନ କରିଥାନ୍ତି ।

## ଭୁବନ ବରିଷ୍ଠ ନାଗରିକ କମିଟି -

ଭାରତ ସରକାର ସାମ୍ବିଧାନିକ ନୀତି ନିୟମରେ ବରିଷ୍ଠ ନାଗରିକ ମାନଙ୍କର ସାମାଜିକ ନିରାପତ୍ତା ଆଇନ ଆଣିଛନ୍ତି । ଏହାଦ୍ୱାରା ୬୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ସ୍ତ୍ରୀ ଲୋକ ବରିଷ୍ଠ ନାଗରିକ ଭାବରେ ମାନ୍ୟତାପ୍ରାପ୍ତ ।

ଓଡିଶା ସରକାର - ପ୍ରତି ଜିଲ୍ଲାର ଆରକ୍ଷୀ ଅଧିକ୍ଷକ (ଏମ୍.ପି.) ମାନଙ୍କୁ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନପାଇଁ ପରାମର୍ଶ ଦେଇଅଛନ୍ତି । ଜିଲ୍ଲାର ପ୍ରତ୍ୟେକ ଥାନାରେ କାର୍ଯ୍ୟକ୍ରମ ମାନ କରି ପରିଚୟ ପତ୍ର ଦେବାସହ ପ୍ରତି ଥାନାରେ - ବରିଷ୍ଠ ନାଗରିକ ନିର୍ଯ୍ୟାତନା ସେଲ୍ କାର୍ଯ୍ୟ କରୁଅଛି ।

ଏ କ୍ଷେତ୍ରରେ - ଭୁବନ ବରିଷ୍ଠ ନାଗରିକ ସଂଘ ଗଠନ କରାଯାଇଅଛି

। ବ୍ରଜବନ୍ଧୁ ରାଉତ ଏହାର ସଭାପତି, ଅନେକ ସଦସ୍ୟଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ ଅନ୍ୟତମ । ପ୍ରତି ତିନିମାସରେ ସେମାନେ ବୈଠକରେ ଉପନୀତ ହୋଇ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥାନ୍ତି ।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ - ୭ ଜଣ ଡାକ୍ତର ନିଯୁକ୍ତ ଦେବାରେ ବରିଷ୍ଠ ନାଗରିକ ଭୁବନର ଅନଶନ ସହିତ ଓଡିଶା ହାଇକୋର୍ଟରେ ଏକ କେସ୍ କରିବା ଦ୍ୱାରା ସରକାର ସମସ୍ତ ଡାକ୍ତର ପଦବୀ ପୂରଣ କରିଛନ୍ତି । ଏହି ଜନକଲ୍ୟାଣ କାର୍ଯ୍ୟପାଇଁ ଭୁବନ ବରିଷ୍ଠ ନାଗରିକ ସଂଘ ଚିରନମସ୍ୟ ।

ବରିଷ୍ଠ ନାଗରିକ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ୩୦/୦୯/୨୦୧୯ ରିଖରେ ଭୁବନ ବ୍ଲକ୍‌ର ବିଡିଓ ଓ ଚେୟାରମ୍ୟାନଙ୍କ ସ୍ୱାକ୍ଷରରେ ରାମଚନ୍ଦ୍ର ନାୟକ ପ୍ରମାଣପତ୍ର ପ୍ରାପ୍ତ ।

ଏ ଭୁବନ ବରିଷ୍ଠ ନାଗରିକ ସଂଘ ଦୀର୍ଘାୟୁ ହେଉ, ଏହା ହିଁ ଜଗନ୍ନାଥଙ୍କ ପାଖରେ ରାମଚନ୍ଦ୍ରଙ୍କ ପ୍ରାର୍ଥନା ।

**ରକ୍ତଦାନ - ଜୀବନଦାନ -**

ରାମଚନ୍ଦ୍ର ସମାଜସେବା ସହିତ ରକ୍ତଦାନ - ଜୀବନଦାନରେ ନିଜକୁ ସାମିଲ କରିଥିଲେ, ଭୁବନର ଅଗ୍ରଣୀ ସେବା ସଂଗଠନ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଭୁବନ ସରକାରୀ ଡାକ୍ତରଖାନାରେ ରକ୍ତଦାନ ଶିବିରରେ ଯୋଗଦେଇ - ରକ୍ତଦାନ କରିବା ସହ - ନିଜର ଭିଣୋଇ ଲକ୍ଷ୍ମଣ ଗୁରୁ (ଭଉଣୀ ବେଙ୍ଗୁଲିଙ୍କ ସ୍ୱାମୀ)ଙ୍କୁ କଟକ ବଡ ଡାକ୍ତରଖାନାରେ, ଭୁବନ ରାଉତ ସାହିର କାପୁଡିଆ ପାଟକର ସଭ୍ୟ ଠୁରିଆ ସାହୁଙ୍କ ଧର୍ମପତ୍ନୀଙ୍କୁ ରକ୍ତଦାନ କରି ଜୀବନ ଦାନରେ ନିଜକୁ ସାମିଲ କରିଥିଲେ ।

ମାନବ ସେବାର ଅନ୍ୟନାମ ମାଧବ ସେବା - ମଣିଷର ସେବା ହିଁ ଭଗବାନ ସେବା ଅଟେ । ପିତୃହରା ରାମଚନ୍ଦ୍ର ଏହାକୁ ଜୀବନର ଏକ ମହତ କାର୍ଯ୍ୟ ଭାବରେ ଧରି ନେଇଥିଲେ । ଜୀବନରେ ତିନିଥର ରକ୍ତଦାନ କରି ବୟସର ଅପରାହ୍ଣରେ ରାମଚନ୍ଦ୍ର - ଶ୍ରୀରାମ ପରିବାରରେ - ସମସ୍ତ ସଦସ୍ୟ ମାନଙ୍କ ଗ୍ରହଣରେ (ପୁଅ, ବୋହୂ, ନାତି ଓ ନାତୁଣୀଙ୍କ) ଜୀବନ ବିତାଉଛନ୍ତି ।

ପିତୃହରା ରାମଚନ୍ଦ୍ର ପାଞ୍ଚବର୍ଷ ବୟସରେ - ବାପାଙ୍କ ମୁହଁ ମନେ ନଥିବା ପିଲାଟି - ପାଠପଢ଼ା ଶୂନ୍ୟଥାଇ ଜଣେ କାଠଶିଳ୍ପୀ ଭାବରେ ରାଜ୍ୟ ଓ ଜାତୀୟସ୍ତରରେ ପରିଚିତ ସହ ଷାଠିଏ ବର୍ଷର ଅଭିଜ୍ଞ କାଠଶିଳ୍ପୀ ସର୍ବୋପରି - ଜଣେ ରାଜନେତା ଭାବରେ - ରାଜ୍ୟ ଓ ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ - ଚାଳିଶ ବର୍ଷର ରାଜନେତା ସହ ସମାଜର ବିଭିନ୍ନ କ୍ଷେତ୍ରରେ ସାମାଜିକ ଅନୁଷ୍ଠାନ ସହିତ ଭୁବନରେ ପାଖାପାଖି କୋଡିଏ ସାମାଜିକ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଭାବରେ ଜଣେ ପଚାଶ ବର୍ଷର ସମାଜସେବୀ ଭାବରେ କାର୍ଯ୍ୟରତ ।

ତେଲଲୁଣର ସଂସାର ମଧ୍ୟରେ - ଜଣେ ସଫଳ ବାପା ଭାବରେ ରାମଚନ୍ଦ୍ରଙ୍କ ଭୂମିକା ଅତୁଳନୀୟ - ସ୍ଥାବର, ଅସ୍ଥାବର ଜମି, ବାଡି ସମ୍ପତ୍ତିର ମୂଲ୍ୟ ତାଙ୍କୁ କୋଟିପତିର ମର୍ଯ୍ୟାଦା ଦେଇପାରିଥାଏ ସତ, ମାତ୍ର ସେ ବାସ୍ତବ କୋଟିପତି ଭାବରେ ଖୁସି ହୋଇଥାନ୍ତି - ନିଜ ଜୀବନକୁ ମାନବ ସେବାରେ କିଞ୍ଚିତମାତ୍ରର ସହଯୋଗ ପାଇଁ । ସଂସାର ଜଞ୍ଜାଳ ମଧ୍ୟ ଚାରିଜଣ ପୁଅଝିଅଙ୍କୁ - ଶିକ୍ଷା, କର୍ମ, ବିବାହ ଦେଇ ସମାଜରେ ପ୍ରତିଷ୍ଠିତ କରାଇ ପାରିଛନ୍ତି ।

ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀଙ୍କୁ ନେଇ ରାମଚନ୍ଦ୍ରଙ୍କ ସୁଖର ସଂସାର, ସେ ଦୀର୍ଘାୟୁ ହୋଇ ସମାଜର ଆଦର୍ଶ ହୋଇଥିବାରୁ ଏତିକି ହିଁ କାମନା ।

## ସ୍ମୃତିର ଆଇନାରେ ଫଟୋଗୁଚ୍ଛ
## ସହ ମାନପତ୍ର (ସାର୍ଟିଫିକେଟ୍)
## ଶିଳ୍ପୀ ରାମଚନ୍ଦ୍ର



Padma Awards

NOMINATION SUCCESSFUL

Your nomination has been submittec successfully
You'll receive Email and SMS for the same.

RAMACHANDRA NAYAK

Art

Padma Shri

Odisha

Share your Padma nomination with your firends by clicking below.

Share on Twitter (https://twitter.com/intent/tweet?

facebook Twitter

© 2017 Padma Awards Ministry of Home Affairs (Govt. of India). All rights reserved.

ପଦ୍ମଶ୍ରୀ - ସମ୍ମାନ ମନୋନୟନ ରେ
ଶିଳ୍ପୀ ରାମଚନ୍ଦ୍ର



F. No. 22-2/2015 P-Arts
Government of India
Ministry of Culture

Puratatav Bhawan 2nd Floor,
D-Block G.P.O. Complex,I.N.A.
New Delhi-110023
Dated the 21 May, 2015

To

Shri Subhash Nayak (Ph.D),
S/o Shri Ramachandra Nayak, At Sri Ram Nivas,
Badahat, PO Bhuban-759017 Dist Dhenkanal,
Odisha.

Subject: Appeal of Shri Subhash Nayak, Odisha, seeking information under the Artistes Pension Scheme and Welfare Fund in respect of Shri Rama Chandra Nayak.

Sir,

Please refer to your appeal dated 23.4.2015 under RTI on the above subject. In this connection it is to be intimated that the application of Shri Ramachandra Nayak, Orissa with revised Income Certificate for grant of Artist Pension under the Artistes Pension Scheme & Welfare Fund has been forwarded to concerned ZCC on 6.4.2015 for verification and scrutiny. After the process of verification & scrutiny is completed the application will be included in the agenda of the next meeting of the Expert Committee whenever it is held. It is further stated that your application dated 9.3.2015 does not seem to have been received in the Ministry.

Yours faithfully,

(Sarwesh Kumar Arya)
Deputy Secretary & Appellate Authority to the Government of India
Phone No. 24642190

**PRIME MINISTER'S OFFICE**

South Block
New Delhi - 110 011
Dated: 09 - Nov-2016

No. RTI/10823/2016-PMR

**OFFICE MEMORANDUM**

Subject: Application under Right to Information Act, 2005

An application dated 31.10.2016 received on 04.11.2016 from Shri Subhash Nayak on the above noted subject is transferred under section 6(3) (ii) of the Right to Information Act, 2005, for action as appropriate.

Application fee has been received.

(Parveen Kumar)
Under Secretary & CPIO
☎ : 2338 2590
E-mail: rti-pmo.applications@gov.in

Secretary
Ministry of Culture
Shashtri Bhawan
New Delhi

Copy by Speed Post to:

Shri Subhash Nayak
S/o Shri Ramachandra Nayak
At – Sriram Niwas
Badahat, PO – Bhuban
Dist. – Dhenkanal
Odisha – 759 017

You are advised to approach the above public authority for further information regarding the matter and for any grievance regarding non-receipt of information from above cited transferee public authority.

ଭାରତ ସରକାରଙ୍କ - ସଂସ୍କୃତି ମନ୍ତ୍ରଣାଳୟ
ଆର୍ଟିଷ୍ଟି ପେନ୍‌ସନ୍ ରେ ଶିଳ୍ପୀ ରାମଚନ୍ଦ୍ର

**No. 16027(6)/2010-11/NA**
Government of India
Ministry of Textiles
Office of the Development Commissioner (Handicrafts)
West Block No.7, R.K. Puram,
New Delhi-110066
**Dated 05.10.2012**

To,

**Shri Rama Chandra Nayak**
**S/o Shri Babaji Nayak**
**At – Sriram Nivas, Badahat,**
**P.O. Bhuban, Distt. Dhankanal.**
**Odisha – 759 017**

**Subject :** **Shilp Guru Award for the year 2011.**

**Sir,**

This has reference to your application dated nil regarding Shilp Guru Award for the year 2011.

In this connection, it is stated that National Awardees and State Awardees are eligible for Shilp Guru Award. But your application for Shilp Guru Award could not be considered directly and your item for Shilp Guru Award is being returned herewith. For further details you may contact the nearest Marketing & Service Extension Centre and You may also go through our official website www.handicrafts.nic.in for further details regarding the Shilp Guru Award etc.

This issues with the approval of Development Commissioner (Handicrafts).

**Yours faithfully**

Encl. As above.

(V.P.Thakur)
Sr. Assistant Director ( National Award )

**Copy to :**

1. The Regional Director (ER), Office of the DC(Handicrafts), DF Block, MSO Building, Salt Lake. Kolkatta - 700064.
2. Assistant Director (HC), Marketing & Service Extension Centre, Bhubaneshar. Odisha with the request to guide the individual suitably.
3. Shri Subhash Naik, S/o Rama Chandra Nayak Dhankanal, Odisha for information.

ଭାରତ ସରକାର ଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ
ଡେଭଲପ୍‌ମେଣ୍ଟ କମିଶନର (ହାଣ୍ଡିକ୍ୟାପ୍‌ଟ)ର
ସର୍ବୋଚ୍ଚ ସମ୍ମାନ - ଶିଳ୍ପୀଗୁରୁ

## ମନୋନୟନରେ ଶିଳ୍ପୀ ରାମଚନ୍ଦ୍ର

O/C

By E mail

**OFFICE OF THE DIRECTOR OF HANDICRAFTS & COTTAGE INDUSTRIES, ODISHA, BARRACK NO.12-A, UNIT - V, BHUBANESWAR-1**

Tel: 0674-2396384, 2396745(Fax) E-mail ID: dhcicri@gmail.com

Order No. 17 / DH&CI, RTI-I-3/15 Dated the 07.02.2015.

From

Sri B.P.Dash,
Assistant Director (H) & PIO.

To

Dr. Subash Nayak,,
At- Sriram Navas, Badghat,
Bhubana, Dhenkanal
Odisha, Pin- 759017. /
Email- drsubashnayak 48 @ gmail.com

Sub: Supply of information to Dr. Subash Nayak under RTI Act 2005 with reference to his application dt. 30.12.2014 received on transfer on 19.01.2015.

Sir,

With reference to your RTI application dated 30.12.2014 addressed to PIO, HT&H Department, Odisha, Bhubaneswar and subsequently transferred to the undersigned which is received on 19.01.2015 requesting information on "Action taken on award etc.", I am to furnish herewith the required information as mentioned below.

Information on queries of Dr. Subash Nayak dt. 30.12.2014 received on 19.01.2015.

State level Selection Committee have completed the selection process of "State Handicrafts Award 2013" under the chairmanship of Commissioner -Cum-Secretary to Govt. HT&H Department, Odisha , Bhubaneswar. But the result is yet to be declared. The case of Sri Rama Chandra Nayak has been placed before the above committee for consideration.

Yours faithfully,

Assistant Director (H) & PIO.

Memo No. 18 Dated, the 07-02-2014

Copy forwarded to PIO -Cum- Under Secretary to Government, Department of Handlooms, Textiles & Handicrafts, Odisha, Bhubaneswar for information with reference to his letter No275/HT&H dated 16.01.2015

Assistant Director (H) & PIO.

Supply of RTI information to Dr. Subash [redacted] Nayak 19.01.2015

ଓଡିଶା ସରକାର ଙ୍କ ହସ୍ତ ଓ କୁଟୀର ଶିଳ୍ପ
ନିର୍ଦ୍ଦେଶାଳୟର – ରାଜ୍ୟ ହସ୍ତଶିଳ୍ପ ପୁରସ୍କାର

## ମନୋନୟନରେ - ଶିଳ୍ପୀ ରାମଚନ୍ଦ୍ର

ललित कला अकादेमी
(राष्ट्रीय कला संस्थान)
भारत सरकार के अधीनस्थ एक स्वायत्तशासी संस्था
संस्कृति मंत्रालय

**Lalit Kala Akademi**
(National Academy of Art)
An Autonomous Organisation of Government of India
Ministry of Culture

LK/3382/RTI/71/Admn./2017-18
Lalit Kala Akademi
Rabindra Bhavan

New Delhi
15th May 2017

**Dr. Subhash Nayak**
**S/o Shri Ramachandra Nayak**
**At/Po - Sriram Nivas**
**Bhuvan Town**
**Dist. Dhenkaral (Odisha)-759017**
**Odisha.**

**Sub: First Appeal of RTI application dated 10.4.2017 regarding display of artwork of Shri Ramachandra Nayak in 58th National Exhibition of Art.**

Sir,

Please refer to your First Appeal of RTI application dated 10.4.2017 on the subject cited above.

The para-wise reply is as under:

1. The Akademi has received the entry form of Shri Ramachandra Nayak, P.O. Bavaban, Odisha for 58th National Exhibition Art and he was allotted the entry no. 1764.

2. The Akademi has received 3970 entries by 2372 artists for 58th National Exhibition of Art. As per the rules there are two tier jury system for the selection of exhibits and award. The first jury selected the art works for the exhibition and the second jury selected the award out of the selected art works by the first jury. In the case of Sh. Ramchandra Nayak, the art work of Shri Nayak has not been selected by the first jury for 58th National Exhibition of Art. Therefore, his work was not invited for the display in 58th NEA. A copy of the general conditions of the 58th NEA is enclosed for your reference.

This settles the RTI application and first appeal dated 10.4.17.

Thanking you,

Yours faithfully

(Siddhartha Ghosh)
Secretary cum First Appellate Authority

ଭାରତ ସରକାର ଙ୍କ ସଂସ୍କୃତି ମନ୍ତ୍ରଣାଳୟ
ଲଳିତ କଳା ଏକାଡେମୀ
"୫୮ତମ ଜାତୀୟ କଳା ପ୍ରଦର୍ଶନୀ"
ଶିଳ୍ପୀ ରେଜିଷ୍ଟ୍ରେସନ ନମ୍ବର - ୧୭୬୪/୨୦୧୭ରେ

ଶିଳ୍ପୀ ରାମଚନ୍ଦ୍ର ।


ଚତୁର୍ଦ୍ଦଶ ଢେଙ୍କାନାଳ ମହୋତ୍ସବ-୨୦୨୨

୩୦ ଅକ୍ଟୋବର ରୁ ୫ ନଭେମ୍ବର ୨୦୨୨

ଆନୁକୂଲ୍ୟ : ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ

ମହିମା ହସ୍ତକଳା ସମ୍ମାନ

ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ

ମହାଶୟ,

ସୌକୁମାର୍ଯ୍ୟ କଳାନୈପୁଣ୍ୟର ସିଞ୍ଚିରେ ଆପଣଙ୍କର ଜୀବନ ଉଦ୍‌ଗୀତ । ନିର୍ଜୀବ ଦାରୁରେ ଜୀବନ ସଂଚାରଣରେ ଆପଣଙ୍କର ନିହାଣ । ସାଂସାରିକ ଝଞ୍ଜାଳର ବହୁ ବାଧାବିଘ୍ନ ଆପଣଙ୍କ କଳାମନସ୍କ ପ୍ରାଣକୁ ପରାଭୂତ କରିପାରିନାହିଁ । କଳାର ଏକ ସ୍ୱପ୍ନମୟ ପ୍ରାଚୁର୍ଯ୍ୟଭରା ଜୀବନ ବୋଧର ଆପଣ କରିଛନ୍ତି ଜୟଗାନ, ଫଳରେ କାଷ୍ଠଶିଳ୍ପ କ୍ଷେତ୍ରରେ ଆପଣ ହୋଇପାରିଛନ୍ତି ଜଣେ ସଫଳ ପ୍ରଶିକ୍ଷକ । ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ମନ୍ତ୍ରଣାଳୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଯୋଗଦେଇ ପବିତ୍ର ଅକ୍ଷୟ ତୃତୀୟାରେ ରାଜ୍ୟସ୍ତରୀୟ ସମ୍ମାନରେ ଭୂଷିତ ଆପଣ ।

ହେ ବିଶ୍ୱକର୍ମା ! ଆପଣଙ୍କ ସାଧନାର ସ୍ୱୀକୃତି ସ୍ୱରୂପ ଜିଲ୍ଲା ସଂସ୍କୃତି ପରିଷଦ ୧୪ତମ ଢେଙ୍କାନାଳ ମହୋତ୍ସବ-୨୦୨୨ ଅବସରରେ ଆପଣଙ୍କୁ 'ମହିମା ହସ୍ତକଳା ସମ୍ମାନ' ପ୍ରଦାନ କରି ଆପଣଙ୍କ ନିରାମୟ ଜୀବନ କାମନା କରୁଛି ।

ଭବଦୀୟ ପ୍ରୀତିଭାଜନ ।

ଶ୍ରୀ ବିଷ୍ଣୁ ପ୍ରସାଦ ପଣ୍ଡା, ଭା.ପ୍ର.ସେ.
ଜିଲ୍ଲାପାଳ ଓ ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ

ଓଡିଶା ସରକାର ଙ୍କ ସଂସ୍କୃତି ବିଭାଗ ର
ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ ରୁ
ସର୍ବୋଚ୍ଚ ସମ୍ମାନ - ମହିମା ହସ୍ତକଳା ସମ୍ମାନପ୍ରାପ୍ତ



REGISTERED A. D

OFFICE OF THE DIRECTOR OF INDUSTRIES, ORISSA

( CERTIFICATE FOR FINAL/PERMANENT REGISTRATION )

REGISTRATION AS A SMALL-SCALE INDUSTRIAL UNIT

CERTIFICATE

This is to certify that M/s. ........................................ a Proprietorship/Partnership/Private Ltd./Public Ltd. Co-operative Society concern is a small-scale industrial unit registered with this Directorate and is allotted below mentioned Registration Number :

No. DATE

for the factory location at ........................................ for the following manufacturing/processing activity.

PLACE :

OFFICE SEAL :

No. .................. Dated the ..................

Director of Industries, Orissa
General Manager
District Industries Centre
Dhenkanal

ଓଡିଶା ସରକାର ଙ୍କ ଶିଳ୍ପ ନିର୍ଦ୍ଦେଶକ

ପରମାନେଣ୍ଟ୍ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍

କ୍ଷୁଦ୍ର ଶିଳ୍ପ ସଂସ୍ଥା

ଶ୍ରୀରାମ ଫର୍ଣ୍ଣିଚର ୱାର୍କସପ୍, ଭୁବନ

ପ୍ରୋପାଇଟର - ଶିଳ୍ପୀ ରାମଚନ୍ଦ୍ର

ରେଜିଷ୍ଟ୍ରେସନ ନମ୍ବର - ୧୫ ୦୫ ୦୧୨୧୨

/PMT/SSI/୨୨/୦୩/୧୯୮୦



APPOINTMENT ORDER OF INSTRUCTOR(TEMPORARY) FOR THE CARPENTRY TRAINING CENTRE IN BHUBAN BLOCK UNDER E.R.R.P. SCHEME.

Order No. /DIC.Dt.

